## ନାଳରେ ବୁଡ଼ି ଯୁବକ ମୃତ

**ଅନୁଗୋଳ ଅଫିସ:** ଅନୁଗୋଳ ଥାନା ରଙ୍ଗାସିଂହା ଗ୍ରାମର ଅଙ୍କୁର ପ୍ରଧାନଙ୍କ ମଙ୍ଗଳବାର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଅଙ୍କୁର ଗାଧୋଇବାକୁ ନନ୍ଦିରା ନାଳକୁ ଯାଇ ଫେରି ନ ଥିଲେ। ପରିବାର ଲୋକମାନେ ଖୋଜାଖୋଜି କରିବା ପରେ କୁକୁଡ଼ାଙ୍ଗ ନିକଟ ନାଳରୁ ତାଙ୍କୁ ଉଦ୍ଧାର କରି ମେଡିକାଲ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଅନୁଗୋଳ ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ନୂଆ ବିଡିଓଙ୍କ ଯୋଗଦାନ



**ମାଧପୁର, ୨୦।୯:** ଆଠମଲ୍ଲିକର ନୂଆ ବିଡିଓ ଭାବେ ମଙ୍ଗଳବାର ସୌଭାଗ୍ୟ ବେହେରା ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ବେହେରା ଅତାବିରା ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ଅତିରିକ୍ତ ବିଡିଓ ଦିଲୀପ ପ୍ରଧାନଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂଆ ଦାୟିତ୍ୱ ନେଇଥିବା ବିଡିଓଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

### ବୃଦ୍ଧଙ୍କୁ ଆକ୍ରମଣ କରି ଲୁଟ୍

**ଅନୁଗୋଳ ଅଫିସ, ୨୦।୯:** ଅନୁଗୋଳ ଥାନା ଶିକ୍ଷକପଡ଼ାରେ ଥିବା ସାଇ ମନ୍ଦିର ନିକଟରେ ଲୋକନାଥ ନାଏକ(୬୨)ଙ୍କୁ ଆକ୍ରମଣ ସହ ଟଙ୍କା ଲୁଟ୍ କରାଯାଇଛି। ଲୋକନାଥ ସାଇ ମନ୍ଦିର ନିକଟ ରାଶନ ଦୋକାନଠାରେ ଶୋଇଥିବାବେଳେ କୌଣସି ଦୁର୍ବୃତ୍ତ ତାଙ୍କୁ ପଥରରେ ଆକ୍ରମଣ କରି ୫ ଶହ ଟଙ୍କା ନେଇଯାଇଥିଲେ। ଲୋକନାଥଙ୍କ ଆଖି ପତା ଫାଟିଯାଇଥିବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନରେ ଅଭିଯୋଗ ପରେ ପୋଲିସ ନଂ. ୫୦୬/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଛି।

### ଲୋନ୍ ଦେବାକୁ ନେଇ ମାଡ଼ପିଟ୍

**ଅନୁଗୋଳ ଅଫିସ, ୨୦।୯:** ଅନୁଗୋଳ ଥାନା କାଲଟାକ୍ସ ଛକ ନିକଟରେ ସୋମବାର ପୂର୍ବାହ୍ନରେ ଏକ ଘରୋଇ ବ୍ୟାଙ୍କର ୨ କର୍ମଚାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଜଣେ କର୍ମଚାରୀ ଗ୍ରାହକଙ୍କ ସହ କଥା ହୋଇ ଲୋନ୍ ପାଇଁ ଡାକିଥିବାବେଳେ ଅନ୍ୟଜଣେ ତାଙ୍କୁ ଲୋନ୍ ଦେବାକୁ ଉଦ୍ୟମ କରିଥିଲେ। ଏନେଇ ଦୁଇ କର୍ମଚାରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାକୁ ଦେଖିବା ପରେ ଲୋନ ପାଇଁ ଆସିଥିବା ଗ୍ରାହକ ଜଣଙ୍କ ଘଟଣାସ୍ଥଳରୁ ଚାଲିଯାଇଥିଲେ। ପରେ ଉଭୟ କର୍ମଚାରୀଙ୍କ ମଧ୍ୟରେ କନ୍ଦଳ ବଢ଼ିବା ସହ ଅନୁଗୋଳ ଥାନାରେ ଅଭିଯୋଗ ପହଞ୍ଚିଥିଲା। ଏ ନେଇ ପୋଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

### ଗାଡ଼ି ଡିକିରୁ ଗହଣା ଚୋରି

**ଅନୁଗୋଳ ଅଫିସ, ୨୦।୯:** ଅନୁଗୋଳ ଜିଲା ନାଲ୍‌କୋ ଥାନା ଅଞ୍ଚଳରୁ ସୋମବାର ଜଣେ ବ୍ୟବସାୟୀଙ୍କ ଗାଡ଼ି ଡିକି ଭାଙ୍ଗି ରୁପା ଗହଣା ଚୋରି ହୋଇଛି। ଏ ନେଇ ଥାନାରେ ବ୍ୟବସାୟୀ ପ୍ରଭାକର ପାତ୍ର ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୨୦୧/୨୨ରେ ମାମଲା ରୁଜୁ କରି ତଦନ୍ତ ଚଲାଇଛି। ପୋଲିସ କହିଛି, ସଦରଥାନା ବଲାସିଂହା ଅଞ୍ଚଳର ପ୍ରଭାକର ପାତ୍ର ବଳରାମ ପ୍ରସାଦ ଅଞ୍ଚଳକୁ ରୁପା ଗହଣା ବ୍ୟବସାୟ କରିବାକୁ ଯାଇଥିଲେ। ସେ ତାଙ୍କ ଗାଡ଼ି ଥୋଇ ଗିରାଙ୍ଗ ଛକରେ ଥଣ୍ଡା ପାନୀୟ ପିଉଥିଲେ। ଏହି ସମୟରେ ତାଙ୍କ ଗାଡ଼ି ଡିକିରେ ଥିବା ଗହଣା ବ୍ୟାଗଟିକୁ କେହି ଦୁର୍ବୃତ୍ତ ନେଇ ଚମ୍ପଟ ମାରିଥିଲେ। ଏ ନେଇ ସେ ଥାନାର ଦ୍ୱାରସ୍ଥ ହେବାପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଲାଇଛି।

### ଘରେ ପଶି ବନ୍ଧୁକ ମୁନରେ ଲୁଟିଲେ

**ଅନୁଗୋଳ ଅଫିସ, ୨୦।୯:** ତାଳଚେର ଥାନା ଅଞ୍ଚଳର ପ୍ରଭାକର ସାହୁଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ନଂ. ୬୯୭/୨୨ରେ ମାମଲା ରୁଜୁ କରି ତଦନ୍ତ ଚଲାଇଛି। ପୋଲିସ କହିଛି, ପ୍ରଭାକର ସୋମବାର ସନ୍ଧ୍ୟାରେ ଘରେ ଥିବା ସମୟରେ ପାଚେରି ଡେଇଁ ୪ ଜଣ ଦୁର୍ବୃତ୍ତ ଭିତରକୁ ପଶିଥିଲେ। ସେମାନେ ପ୍ରଭାକରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ମାଡ଼ ମାରିବା ସହ ତାଙ୍କ ସ୍ତ୍ରୀ ପିନ୍ଧିଥିବା ସୁନା କାନଫୁଲ, ଚେନ୍ ଏବଂ ଆଲମାରି ଭାଙ୍ଗି ଟଙ୍କା ଓ ମୋବାଇଲ ଫୋନ୍ ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ଫେରାର ଅଭିଯୁକ୍ତ ଗିରଫ

**ବଇଣ୍ଡା, ୨୦।୯ (ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ସୋମବାର ରାତିରେ କେନ୍ଦୁଝର ଅଞ୍ଚଳରେ ଚଢ଼ାଉ କରି ଫେରାର ଥିବା ଠାକୁରଗଡ଼ ଥାନା କରଡ଼ାବାହାଲୀ ମଧୁ ଗ୍ରାମର ମଦନମୋହନ ପରିଡାଙ୍କୁ ଗିରଫ କରିଛି। ତାଙ୍କ ନାମରେ ୨୦୨୧ ମସିହାରେ ଏକ ବଳାତ୍କାର ମାମଲା ଥିବାବେଳେ ସେ ଦୀର୍ଘଦିନ ହେବ ଫେରାର ଥିଲେ। ତେବେ ଅଭିଯୁକ୍ତ କେନ୍ଦୁଝର ଅଞ୍ଚଳରେ ରହୁଥିବା ଖବରପାଇ ପୋଲିସ ଚଢ଼ାଉ କରି ଗିରଫ କରିଥିଲା।

# ଦୁଲୁକାଇବ ରାବଣ ଦରବାର

**ଅନୁଗୋଳ ଅଫିସ, ୨୦।୯**





- ୫୮ ବର୍ଷରେ ପହଞ୍ଚିବ ହେମସୁରପଡ଼ା ଦୁର୍ଗାପୂଜା
- ଆକର୍ଷଣ ସାଜିବ ସବୁ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ
- ମେଲାଣିରେ ସାମିଲ ହେବ ରାୟଗଡ଼ାର ଢେମସା, ଗଞ୍ଜାମର ରଣପା

ପୂଜାରେ ବଜାୟ ରହିବ ପରମ୍ପରା। ସଂସ୍କୃତିକୁ ବଳିଷ୍ଠ କରିବ ସାଂସ୍କୃତିକ କାର୍ଯ୍ୟକ୍ରମ। ଲୋକଙ୍କ ପାଇଁ ଆକର୍ଷଣୀୟ ସାଜିବ ବିଭିନ୍ନ ଲୋକନୃତ୍ୟ। ରାବଣ ଦରବାରରେ ଦୁଲୁକିବ ପୂଜାସ୍ଥଳ। ଭସାଣିକୁ ଆଡ଼ମ୍ବର କରିବ ରାୟଗଡ଼ାର ଢେମସା ଓ ଗଞ୍ଜାମର ରଣପା।

ସରିଆସୁଛି ସାଜସଜ୍ଜା। ମା' ଦୁର୍ଗାଙ୍କୁ ଆବାହନ ପାଇଁ ପ୍ରସ୍ତୁତ ହେଉଛି ଅନୁଗୋଳ ସହରର ପୁରାତନ ପୂଜା ଅନୁଷ୍ଠାନ ହେମସୁରପଡ଼ା ଦୁର୍ଗାପୂଜା କମିଟି। ଚଳିତବର୍ଷ ୫୮ ବର୍ଷରେ ପାଦ ଥାପିବାକୁ ଯାଉଥିବା ଏହି କମିଟି ପକ୍ଷରୁ ପ୍ରଥମେ ୧୯୬୪ ମସିହାରେ ପୂଜା ଆୟୋଜନ କରାଯାଇଥିଲା। ୧୨ ବର୍ଷ ଧରି ମଣ୍ଡପରେ ଶିବ ପାର୍ବତୀଙ୍କ ମୂର୍ତ୍ତି କରାଯାଇଥିଲା। ହେଲେ ଏହାପରଠାରୁ ୪୬ ବର୍ଷ ହେବ ମା' ଦୁର୍ଗାଙ୍କୁ ପୂଜା କରାଯାଉଛି। କରୋନା ପାଇଁ ଗତ ୨ବର୍ଷ ପରେ ଧୁମ୍‌ଧାମରେ ପୂଜା ପାଳନ କରାଯିବାକୁ ଥିବାରୁ କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ଉତ୍ସାହିତ ଅଛନ୍ତି।

ଚଳିତବର୍ଷ ପୂଜାକୁ ଆକର୍ଷଣୀୟ କରିବାକୁ କମିଟି ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଆସନ୍ତା ୧ ତାରିଖରେ ମା'ଙ୍କ ବେଲବରଣ ସହ କଳସଯାତ୍ରା କରାଯିବ। ୨ ତାରିଖ ସପ୍ତମୀ ପୂଜାରେ ସକାଳେ ଚକ୍ଷୁଦାନ ସହ ସୂର୍ଯ୍ୟପୂଜା, ଚଣ୍ଡିପୂଜା ଅନୁଷ୍ଠିତ ହେବ ହେବ। ଅଷ୍ଟମୀରେ ଅଷ୍ଟମୀ ବ୍ରତ ସହ ସନ୍ଧିପୂଜା କରାଯିବ। ନବମୀରେ କୁମାରୀ ପୂଜା ସହ ମା'ଙ୍କ ନିକଟରେ ମାଛ ଭୋଗ କରାଯାଇ ଭକ୍ତଙ୍କ ମଧ୍ୟରେ ବଣ୍ଟନ କରାଯିବ। ଦଶମୀରେ ରାବଣପୋଡ଼ି କରାଯାଇ ଲୋକଙ୍କ ମନରେ ଥିବା ଗର୍ବ ଓ ଅହଂକାରକୁ ଶେଷ କରାଯିବାର କାର୍ଯ୍ୟସୂଚୀ ରହିଛି। ପୂଜାକୁ ଅଧିକ ଆକର୍ଷଣୀୟ କରିବାକୁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ବିଶେଷକରି ବୌଦ୍ଧରୁ ଆସିଥିବା କଳାକାରମାନେ ରାବଣ ଦରବାର ପ୍ରଦର୍ଶନ କରିବେ। ଏହା ପୂଜାରେ ମୁଖ୍ୟ ଆକର୍ଷଣ ସାଜିବ। ସେହିପରି ଭସାଣି ଉତ୍ସବରେ ଗଞ୍ଜାମର ଶଙ୍ଖ ସାଙ୍ଗକୁ ରଣପା, ରାୟଗଡ଼ାର ଆଦିବାସୀ ଢେମସା ନାଚ, ଘୁମୁରା, ପୁରୀର ନାଗାନାଚ, ଯୋଡ଼ି ଘୋଡ଼ା, ଜଗତସିଂହପୁର ଝଙ୍କଡ଼ମାଟିର ଘଣ୍ଟ ବାଦ୍ୟ ଓ ସାହିର ପାରମ୍ପରିକ ବାଘ ନୃତ୍ୟକୁ ସାମିଲ କରାଯିବାର ବ୍ୟବସ୍ଥା ରହିଛି।

### ସାଜସଜ୍ଜାରେ ପରିବର୍ତ୍ତନ ଆସିଛି



"ପୂର୍ବଭଳି ପୂଜା ମଣ୍ଡପରେ ଆଉ ପାରମ୍ପରିକ ସାଜସଜ୍ଜା ଦେଖିବାକୁ ମିଳୁନାହିଁ। ପୂର୍ବରୁ ପଟିଲି ଓ ତାଳପତ୍ରରେ ତୋରଣ କରାଯାଉଥିଲା। ହେଲେ ସମୟ ସହ ଖାପଖୁଆଇ ତାହାକୁ ପରିବର୍ତ୍ତନ କରାଯାଇଛି। ଡିଜିଟାଲ୍ ଯୁଗରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଆଖି ଖୋସି ହୋଇଗଲା ଭଳି ନିର୍ମାଣ କାର୍ଯ୍ୟ କରାଯାଉଛି।

-ସତ୍ୟାନନ୍ଦ ଦଳବେହେରା, ପୂଜା କମିଟି ସଭାପତି

### ଭାଇଚାରା ରକ୍ଷା କରାଯାଉଛି



"ହେମସୁରପଡ଼ା ପୂଜାରେ ପ୍ରତିବର୍ଷ ଭାଇଚାରା ଦେଖିବାକୁ ମିଳେ। ଏଠାରେ ହିନ୍ଦୁ ଓ ମୁସଲମାନ ଭାଇମାନେ ପୂଜାରେ ସାମିଲ ହୋଇଥାନ୍ତି। ଏହି ପରମ୍ପରା ଅତୁଟ ରହିଛି। ୨ ବର୍ଷ ପରେ ଧୁମ୍‌ଧାମରେ ପୂଜା ହେଉଥିବାରୁ ଏହାକୁ ଆକର୍ଷଣୀୟ କରାଯିବାକୁ ସମସ୍ତ ପ୍ରୟାସ କରାଯାଉଛି।

-ବଳରାମ ଜେନା, ପୂଜା କମିଟି ସମ୍ପାଦକ

### ଖର୍ଚ୍ଚ ୧୧ ଲକ୍ଷରେ ପହଞ୍ଚିଲାଣି



"ପୂଜାକୁ ନେଇ ଉତ୍ସାହ ରହୁଥିଲେ ମଧ୍ୟ ପୂର୍ବରୁ ଖର୍ଚ୍ଚ ଏତେ ହେଉ ନ ଥିଲା। ଏବେ ପୂଜା ବଜେଟ୍ ୧୧ ଲକ୍ଷ ଟଙ୍କାରେ ପହଞ୍ଚିଲାଣି। ୫୮ ବର୍ଷ ପୁରୁଣା କମିଟି ହୋଇଥିଲେ ବି ହେମସୁରପଡ଼ାର ସ୍ୱତନ୍ତ୍ର ପରିଚୟ ରହିଛି। ଚଳିତବର୍ଷ ମଧ୍ୟ ତାହାକୁ ବଜାୟ ରଖାଯିବ।

-ରବୀନ୍ଦ୍ର କୁମାର ଜେନା, ବରିଷ୍ଠ ସଦସ୍ୟ

### ଟିଣ ଛପର ମଣ୍ଡପରେ ପୂଜା ଆୟୋଜନ ହେଉଥିଲା



"ପୂର୍ବରୁ କେବଳ ମୂର୍ତ୍ତିକୁ ଛାଡ଼ିଦେଲେ ବାକି ସାଜସଜ୍ଜା ସାହିବାସୀଙ୍କୁ କରିବାକୁ ପଡୁଥିଲା। ଟିଣ ଛପର ମଣ୍ଡପରେ ପୂଜା ଆରମ୍ଭ କରାଯାଇଥିଲା। ଏବେ କିନ୍ତୁ ସେଭଳି ପରିସ୍ଥିତି ନାହିଁ। ଧୁମ୍‌ଧାମରେ ପୂଜା ପାଳନ ହେଉଛି। ଆକର୍ଷଣୀୟ କରିବାକୁ ପାଣି ପରି ଅର୍ଥ ଖର୍ଚ୍ଚ କରାଯାଉଛି।

-ବ୍ରହ୍ମାନନ୍ଦ ସ୍ୱାଇଁ, ବରିଷ୍ଠ ନାଗରିକ

# ଅଶ୍ଳୀଳ ଭିଡିଓ ଲିକ୍ ଚିନ୍ତାଜନକ

**ଅନୁଗୋଳ ଅଫିସ, ୨୦।୯**

ଚଣ୍ଡୀଗଡ଼ ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ଲିକ୍ ହେବା ଘଟଣାକୁ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି, ରାଜ୍ୟ ସଭାନେତ୍ରୀ ବୀଣାପାଣି ଦାସ ଓ ସମ୍ପାଦିକା ସ୍ୱୟଂପ୍ରଭା ନାୟକ ନିନ୍ଦା କରିଛନ୍ତି। ଏଭଳି ଘଟଣା ବହୁତ ଦୁଃଖଦାୟକ ଓ ଚିନ୍ତାଜନକ ବୋଲି ସଙ୍ଗଠନ ପକ୍ଷରୁ ପ୍ରେସ୍ ବିବୃତିରେ କୁହାଯାଇଛି। ଛାତ୍ରୀମାନେ ଯଦି ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ସୁରକ୍ଷିତ ନ ରୁହନ୍ତି ତେବେ ସେମାନଙ୍କୁ କେଉଁ ସ୍ଥାନକୁ ପଢିବା ପାଇଁ ପଠାଯିବ ବୋଲି ସଙ୍ଗଠନ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏହି ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି କରାଯାଇଛି। ଏପରି ଘଟଣାର ପୁନରାବୃତ୍ତି ଭବିଷ୍ୟତରେ ଯେପରି ନ ହୁଏ ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯିବାକୁ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ଅନୁଗୋଳ ଜିଲା କମିଟି ସଭାପତି ମନ୍ଦୋଦରୀ ରାଉଳ, ସମ୍ପାଦିକା ମାନସୀ ସ୍ୱାଇଁ, ଉପସଭାପତି ସରୋଜିନୀ ନାୟକ, କୋଷାଧ୍ୟକ୍ଷ ପ୍ରମିଳା ପଣ୍ଡା, ଜିଲା ସଙ୍ଗଠିକା ପ୍ରତିମା ବେହେରା, ପ୍ରଗତିବାଳା ନାୟକ, ବିନତୀ ସାହୁ, ସୁରୁଚି ପ୍ରଧାନ, ନିର୍ମଳା ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

# ଚାଷୀଙ୍କ ଉନ୍ନତି ଉପରେ ଗୁରୁତ୍ୱ

**ମାଧପୁର, ୨୦।୯**

ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ପନିପରିବା, ଶସ୍ୟ, ଫଳ, ଲଘୁଜାତୀୟ ଦ୍ରବ୍ୟ ଆଦି ଉଚିତ ମୂଲ୍ୟରେ ବଜାରରେ ଉପଲବ୍ଧ କରି ଚାଷୀଙ୍କ ଆର୍ଥିକ ଉନ୍ନତିରେ ସହଯୋଗ କରିବା ଉପରେ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏହି ଉଦ୍ଦେଶ୍ୟରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ତରଫରୁ ଏକ ୪ ଜଣିଆ ଟିମ୍ ଆଠମଲ୍ଲିକ ବ୍ଲକ ଶଙ୍ଖାମାଳ ଓ ଭରତାପୁର ଆସି କେତୋଟି ବନ ସୁରକ୍ଷା ସମିତି ବୁଲି ଦେଖିବା ସହିତ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ମାନଯୋର ୱାଚ ଟାୱାର ସଭାଗୃହ ଠାରେ ଚାଷୀମାନଙ୍କୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମାଧପୁର ରେଞ୍ଜର ସନ୍ତୋଷ ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଅଧିକାରୀ ଡା. ମମତା ମିଶ୍ର, ଗିରିଜା ଶଙ୍କର ଦାସ, ଦୀପକ ସାହୁ, ମାନସ ଦାସ, ଆଠମଲ୍ଲିକ ଏସିଏଫ ଗୌରୀ ଶଙ୍କର ଦାସ ଉପସ୍ଥିତ ଥିଲେ। ଫରେଷ୍ଟର ଦୀପ୍ତିରଞ୍ଜନ ବିଶ୍ୱାଳ, ଗାର୍ଡ ମୋନାଲିସା ପ୍ରଧାନ, ପ୍ରକଳ୍ପ କର୍ମଚାରୀ ଅମରେଶ ଦାସ, ନରେନ୍ଦ୍ର ସାହୁ, ଦେବାନନ୍ଦ ନାୟକ, ଶ୍ୱେତାମ୍ବର ମଲିକ ସହଯୋଗ କରିଥିଲେ।



ଚାଷୀଙ୍କ ସହ ଆଲୋଚନା କରିବାକୁ ଆସିଥିବା ୪ ଜଣିଆ ଟିମ୍।

# ପରିବେଶ ସମ୍ବନ୍ଧୀୟ ଜନଶୁଣାଣି

**ମାଧପୁର, ୨୦।୯**

ଆଠମଲ୍ଲିକ ତହସିଲ ଲୁଣହାଣ୍ଡି ପଞ୍ଚାୟତ ଟାଇଁସର ଗ୍ରାମରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶା ଏବଂ ଆଞ୍ଚଳିକ କାର୍ଯ୍ୟାଳୟ ଅନୁଗୋଳ ତରଫରୁ ୧୯.୫୯୫ ପରିମିତ ଅଞ୍ଚଳରେ ଅବସ୍ଥିତ ବାଲିଘାଟ ନିମନ୍ତେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା ଅଧ୍ୟକ୍ଷତା କରିଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୋଳ ଆଞ୍ଚଳିକ ଅଧିକାରୀ ଅନୁପ ମଲ୍ଲିକ, ଆଠମଲ୍ଲିକ ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଆଠମଲ୍ଲିକ ଥାନା ଆଇଆଇସି ନିରୋଜକାନ୍ତ ଦାସ, ରାଜସ୍ୱ ପରିଦର୍ଶକ ଦଣ୍ଡଧର ସିଂ, ମାଧପୁର ରାଜସ୍ୱ ନିରୀକ୍ଷକ ଅକ୍ଷୟ ପାତ୍ର, ସହ ରାଜସ୍ୱ ନିରୀକ୍ଷକ ବିଷ୍ଣୁପ୍ରିୟା ସାହୁ, ଲୁଣହାଣ୍ଡି ସରପଞ୍ଚ ଅରୂପା ଚାନ୍ଦଙ୍କ ସହିତ ଟାଇଁସର ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ବାଲିଘାଟ ନିଲାମ ଦ୍ୱାରା ଗ୍ରାମବାସୀ କିପରି ଉପକୃତ ହେବେ ସେ ସମ୍ପର୍କରେ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ବୁଝାଶୁଝା କରାଯାଇଥିଲା। ପରିବେଶ ବିଭାଗର ନିର୍ଦ୍ଦେଶ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ କହିଛନ୍ତି।



ଜନଶୁଣାଣିରେ ଉପସ୍ଥିତ ଗ୍ରାମବାସୀ।

# କୁକୁଡ଼ା ଚାଷୀ ସଂଘର ଦାବିପତ୍ର

**ଆଠମଲ୍ଲିକ, ୨୦।୯ (ଡି.ଏନ.ଏ.)**

ଆଠମଲ୍ଲିକ କୁକୁଡ଼ା ଚାଷୀ ସଂଘ ତରଫରୁ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପୂର୍ବରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ମଙ୍ଗଳବାର ତାହାର ନକଲ ଆଠମଲ୍ଲିକ ଥାନା ଏଏସ୍‌ଆଇ ନିରୋଜ କୁମାର ବେହେରାଙ୍କୁ ପ୍ରଦାନ କରାଯାଇଛି। କୁକୁଡ଼ା ଚାଷୀଙ୍କ ପ୍ରତି ବିଭିନ୍ନ କମ୍ପାନୀ ବୈମାତୃକ ମନୋଭାବ ରଖିବା ସହ ଶୋଷଣ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କମ୍ପାନୀ ତରଫରୁ ଉନ୍ନତମାନର ଦାନା ଓ ଚିଆଁ ଯୋଗାଇଦେବା, ଚାଷୀମାନଙ୍କୁ ମାଗଣାରେ ଚଷୁ ବା କରତ ଗୁଣ୍ଡ ଯୋଗାଇ ଦେବା ଓ ବିଦ୍ୟୁତ ଶୁଳ୍କ ପ୍ରଦାନ କରିବା, କୁକୁଡ଼ା ଫାର୍ମର ଘରଭଡା ଦେବା, ପ୍ରାକୃତିକ ଦୁର୍ବିପାକ କ୍ଷୟକ୍ଷତି ହେଲେ ସହାୟତା ପ୍ରଦାନ କରିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ମନମୋହନ ରଣା, ସମ୍ପାଦକ ନୀତୀଶ ବିଶ୍ୱାଳ, ଉପଦେଷ୍ଟା ପୁରୁଷୋତ୍ତମ ସାହୁ, ଚାଷୀ ଅରକ୍ଷିତ ପ୍ରଧାନ, ଜ୍ୟୋତିରଞ୍ଜନ ଦେହୁରୀ, ଦିବାକର ସାହୁ, ପ୍ରକାଶ ପ୍ରଧାନ, ବିଦେଶୀ ବେହେରା, ଅନିଲ ଦନ୍ତା, ପ୍ରଦୀପ ପାଣ୍ଡେ, ଦିଲୀପ ପ୍ରଧାନ, ସନ୍ଦେଶ ଶେଖର ସାହୁ, ସୁକାନ୍ତ ଗଡତିଆ ପ୍ରମୁଖ ଉପସ୍ଥିତ ଥିଲେ।



କୁକୁଡ଼ା ଚାଷୀ ସଂଘ ପକ୍ଷରୁ ଏଏସ୍‌ଆଇଙ୍କୁ ଦାବିପତ୍ରର ନକଲ ପ୍ରଦାନ କରାଯାଉଛି।

# ଦ୍ୱିତୀୟ ଶ୍ରେଣୀ ଛାତ୍ର ନିଖୋଜ ଅଭିଯୋଗ

**ବଇଣ୍ଡା, ୨୦।୯ (ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପୋକଣ୍ଡା ଗ୍ରାମର ଜଣେ ଶିଶୁ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଶିଶୁ ଜଣକ ଦ୍ୱିତୀୟ ଶ୍ରେଣୀ ଛାତ୍ର ସୁମନ ନାୟକ ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ ତାଙ୍କ ବାପା ଲୋକନାଥ ନାୟକ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୨୯/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଲାଇଛି। ପୋଲିସ କହିଛି, ସୁମନ ଗ୍ରାମରେ ଥିବା ବିଦ୍ୟାଳୟରୁ ଘରକୁ ଆସିବା ପରେ ଖେଳୁଥିବା ସମୟରେ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ତାଙ୍କ ବାପା ଅଭିଯୋଗ କରିବା ପରେ ପୋଲିସ ତାଙ୍କୁ ଖୋଜାଖୋଜି ଆରମ୍ଭ କରିଛି।

# ମଧ୍ୟାହ୍ନ ଭୋଜନ ସୁବ୍ୟବସ୍ଥିତ କର

**ଆଠମଲ୍ଲିକ, ୨୦।୯ (ଡି.ଏନ.ଏ.)**

ଆଠମଲ୍ଲିକ ସହରସ୍ଥିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ମଙ୍ଗଳବାର ଉପଜିଲାପାଳ ତରଣୀ ସୁନା ପରିଦର୍ଶନରେ ଯାଇ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନର ଅନୁଧ୍ୟାନ କରିଥିଲେ। ରୋଷେଇ ସ୍ଥାନ, ଛାତ୍ରୀଛାତ୍ରଙ୍କ ଖାଇବା ସ୍ଥାନ ବୁଲି ଦେଖିବା ସହିତ ମଧ୍ୟାହ୍ନ ଭୋଜନକୁ ସୁବ୍ୟବସ୍ଥିତ କରିବାକୁ ଦାୟିତ୍ୱରେ ଥିବା ଶିକ୍ଷକ ଓ ପାଚିକାମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରସ୍ତୁତକାରୀ ଆପ୍ରନ ପରିଧାନ କରିବା, ରୋଷେଇ ସ୍ଥାନ ପରିଷ୍କାର ପରିଚ୍ଛନ୍ନ ରଖିବା, ପ୍ରସ୍ତୁତ ଖାଦ୍ୟକୁ ଘୋଡାଇ ରଖିବା ଉପରେ ଉପଜିଲାପାଳ ଗୁରୁତ୍ୱ ଦେବା ସହିତ ସରକାରୀ ନିୟମକୁ କଡାକଡି ଭାବେ ପାଳନ କରିବାକୁ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ସୁନାଙ୍କ ସହ ଅତିରିକ୍ତ ଜିଲା ସମାଜମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା ହାଇସ୍କୁଲରେ ଉପସ୍ଥିତ ଥିଲେ।



ଉପଜିଲାପାଳ ରୋଷେଇ ସ୍ଥାନ ପରିଦର୍ଶନ କରୁଛନ୍ତି।



ଅନୁଗୋଳସ୍ଥିତ ବିଦ୍ୟୁତ୍ ଇଞ୍ଜିନ ମରାମତି କାରଖାନାରେ ହୋଇଥିବା ବିଶ୍ୱକର୍ମା ମେଢ଼।

# ମଣ୍ଡପ ବୁଲିଲେ ୩୦ ହଜାର ଶ୍ରଦ୍ଧାଳୁ

**ବଅଁରପାଳ, ୨୦।୯ (ଡି.ଏନ.ଏ.)**

ଅନୁଗୋଳ ଜିଲା ନାଲ୍‌କୋନଗରଠାରେ ଚାଲିଥିବା ବିଶ୍ୱକର୍ମା ପୂଜାରେ ପ୍ରବଳ ଗହଳି ହେଉଛି। ମଙ୍ଗଳବାର ୪ର୍ଥ ସନ୍ଧ୍ୟାରେ ୩୦ ହଜାର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ମଣ୍ଡପ ବୁଲି ଦେବଶିଳ୍ପୀଙ୍କ ଦର୍ଶନ କରିବା ସହ ମିନାବଜାର ଓ ଦୋଳିର ମଜା ନେଇଥିଲେ। ପ୍ରକାଶ ଯେ, ଚଳିତବର୍ଷ ନାଲ୍‌କୋନଗରରେ ୧୮ଟି ମଣ୍ଡପ ହୋଇଛି। ପୂର୍ବାପେକ୍ଷା ମଣ୍ଡପ ସଂଖ୍ୟା ହ୍ରାସ ହୋଇଥିଲେ ମଧ୍ୟ ୨ ବର୍ଷ ଧରି ମୂର୍ତ୍ତିପୂଜା ହୋଇ ନ ଥିବାରୁ ଏଥର ଅତି ଆଡ଼ମ୍ବରରେ ଆୟୋଜନ କରାଯାଇଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ମଣ୍ଡପ ଓ ତୋରଣ ସାଜସଜ୍ଜା କରାଯାଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। ଫଳରେ ପୂଜା ଦେଖିବାକୁ ପ୍ରବଳ ଭିଡ଼ ଲାଗୁଛି। ଏହାଛଡ଼ା ଆଉ ୩ ଦିନ ପରେ ପୂଜା ସମାପ୍ତ ହେବାକୁ ଥିବାରୁ ଦୂରଦୂରାନ୍ତରୁ ଲୋକେ ଏଠାକୁ ଆସୁଛନ୍ତି। ଶତାଧିକ ଉଠାଦୋକାନ, ଦୋଳି, ମିନାବଜାର ସହ ଖଦିବସ୍ତ୍ର ପ୍ରଦର୍ଶନୀ ପଡ଼ିଥିବାରୁ ଲୋକେ ଏହାର ମଜା ଉଠାଉଛନ୍ତି।





ନାଲ୍‌କୋନଗରଠାର ଅନୁଷ୍ଠିତ ବିଶ୍ୱକର୍ମା ପୂଜା ଅବସରରେ ଦୁଇ ବିଭାଗର ସୁନ୍ଦର ତୋରଣ।

“ଅନ୍ତରାତ୍ମାରେ ଯଦି ବିକୃତି ଥାଏ– ତେବେ ଶରୀରରେ ନିଶ୍ଚୟ ବ୍ୟାଧି ଦେଖାଯିବ। କାରଣ– ମନର ପାପ ହେଲା ଦୈହିକ ପାପର ପ୍ରଚ୍ଛନ୍ନ କାରଣ। ସେହିପରି–ମଣିଷର ସାମାଜିକ ଜୀବନରେ ଦାରିଦ୍ର୍ୟ ଓ ଦୁର୍ଭୋଗ ବାରମ୍ବାର ଫେରି ଆସୁଥିବ –ଯେତେଦିନ ପର୍ଯ୍ୟନ୍ତ ଗୋଟାଏ ଜାତିର ମନ ଅହଂକାରର ଅଧୀନସ୍ଥ ହୋଇ ରହିଥିବ। –ଶ୍ରୀଅରବିନ୍ଦ

# ଲୋଭ ଛାଡ଼ିବା ଅସମ୍ଭବ

କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଓ ଆସନ୍ତା ମାସରେ ହେବାକୁ ଥିବା ଦଳର ଅଧ୍ୟକ୍ଷ ପଦ ନିର୍ବାଚନ ସଂକ୍ରାନ୍ତ ଖବର ଏବେ ପ୍ରମୁଖ ଗଣମାଧ୍ୟମ ଏବଂ ବିଶେଷକରି ସୋସିଆଲ ମିଡିଆରେ ଛାଇଯାଉଛି। ରାହୁଲ ଗାନ୍ଧୀ ଜନସାଧାରଣଙ୍କ ନିକଟତର ହେବାକୁ ପାଦରେ ଚାଲିଚାଲି ଯାଉଥିବା ବେଳେ ତାଙ୍କ ସହ ଅନ୍ୟ କଂଗ୍ରେସ ନେତା ଓ କର୍ମୀଙ୍କୁ ଦେଖିବାକୁ ମିଳୁଛି। ୧୯ ସେପ୍ଟେମ୍ବରରେ କେରଳର ପୁନାମାଦା ହ୍ରଦରେ ଚାଲିଥିବା ସ୍ନେକ୍ ବୋଟ ରେସ୍‌ରେ ଡଙ୍ଗାରେ ବସି ସେ ଯେଭଳି ଆହୁଲା ମାରିଛନ୍ତି, ତାହା ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିବ। ଦୀର୍ଘ ୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ଜାତୀୟ କ୍ଷମତା ରାଜନୀତିରୁ ଦୂରେଇ ଯାଇଥିବା କଂଗ୍ରେସ ଏବେ ଜନତାଙ୍କ ସହ ଯୋଡ଼ି ହେବାର ଅଭିଯାନ ଏକ ପ୍ରଶଂସନୀୟ ପଦକ୍ଷେପ। କାରଣ କୌଣସି ପାର୍ଟିର ଦୀର୍ଘ ଶାସନ ଦେଶବାସୀଙ୍କ ପାଇଁ କାଳ ହୋଇଥିବାରୁ ସେଥିରେ ସର୍ବଦା ପରିବର୍ତ୍ତନ ଲୋଡ଼ା ପଡ଼ିଥାଏ। ଅନ୍ୟପଟେ କିଏ ପରବର୍ତ୍ତୀ କଂଗ୍ରେସ ଅଧ୍ୟକ୍ଷ ହେବେ ସେଥିନେଇ ଦଳ ଭିତରେ ଜୋରଦାର ପ୍ରୟାସ ହେଉଛି। ଭୋଟ ହାସଲ କରିବାରେ ବାରମ୍ବାର ବିଫଳ ହେବା ପରେ ରାହୁଲ ଗାନ୍ଧୀ ଅଧ୍ୟକ୍ଷ ହେବାକୁ ଚାହୁଁ ନ ଥିବା କୁହାଯାଉଛି। ଜଣଙ୍କ ପରେ ଜଣେ ଟାଣୁଆ ନେତା ଦଳରୁ ଅପସରି ଯିବା ପରେ ନେହେରୁ–ଗାନ୍ଧୀ ପରିବାର ଭିନ୍ନ ଅନ୍ୟ କିଏ ପାର୍ଟି ଦାୟିତ୍ୱ ସମ୍ଭାଳୁ ବୋଲି ଦାବି ହେବାରୁ ଅକ୍ଟୋବରରେ ବିଧିବଦ୍ଧ ନିର୍ବାଚନ ହେବ ବୋଲି ଘୋଷଣା କରାଯାଇଛି। ଇତିମଧ୍ୟରେ ବିଭିନ୍ନ ପ୍ରଦେଶ କଂଗ୍ରେସ କମିଟି ତରଫରୁ ରାହୁଲଙ୍କ ସପକ୍ଷରେ ସଂକଳ୍ପ କରାଯାଇ ଗଣମାଧ୍ୟମକୁ ପ୍ରେସ୍ ନୋଟ୍ ଦିଆଯାଉଛି। ତେବେ ଅଧ୍ୟକ୍ଷ ପଦ ଲାଗି ପ୍ରତିଦ୍ୱନ୍ଦ୍ୱିତାରେ ଥିବା ବରିଷ୍ଠ ନେତାଙ୍କ ମଧ୍ୟରୁ କେରଳର ଶଶୀ ଥରୁର ଓ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ନାମ ଚର୍ଚ୍ଚାକୁ ଆସିଛି।

କଂଗ୍ରେସର ରାଜନୈତିକ ପାଣିପାଗକୁ ଦେଖିଲେ ନେହେରୁ–ଗାନ୍ଧୀ ପରିବାର ଭିନ୍ନ ଅନ୍ୟ କେହି ମଙ୍ଗ ଧରିଲେ ଉଧେଇ ପାରିବେ ନାହିଁ ବୋଲି ଦଳ ଭିତରେ ଏକ ସ୍ରୋତ ବୋହିଚାଲିଛି। ଥରୁର ଅଧ୍ୟକ୍ଷ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା ପୂର୍ବରୁ ସୋନିଆ ଗାନ୍ଧୀଙ୍କୁ ଭେଟି ଆଶୀର୍ବାଦ କାମନା କରିଛନ୍ତି। ଶୁଣିବାକୁ ମିଳୁଛି ସୋନିଆ ତାଙ୍କୁ ଲଢ଼େଇ କରିବାକୁ ସବୁଜ ସଙ୍କେତ ଦେଇଛନ୍ତି। ଅପରପକ୍ଷରେ ଅନ୍ୟତମ ବରିଷ୍ଠ ନେତା ଗେହଲଟ ମଧ୍ୟ ଗାନ୍ଧୀ ପରିବାରର ଅତ୍ୟନ୍ତ ବିଶ୍ୱସ୍ତ। ଥରୁରୁ ପ୍ରାରମ୍ଭିକ ସମୟରେ ବିଦ୍ରୋହୀ ଜି–୨୩ ଗୋଷ୍ଠୀରେ ଅନ୍ତର୍ଭୁକ୍ତ ହୋଇଥିଲେ ହେଁ ପରେ ନୀରବ ରହିଯାଇଥିଲେ। ଏବର ସ୍ଥିତିରେ ଗେହଲଟ ଓ ଥରୁରଙ୍କ ମଧ୍ୟରୁ ଯିଏ ବି ଜିତିଲେ ହାଇକମାଣ୍ଡ ବେତ ଗାନ୍ଧୀ ମାତା–ପୁତ୍ରଙ୍କ ହାତରେ ଆହୁରି ଟାଣୁଆ ହୋଇଯିବ। ରାଜନୈତିକ ବିଶେଷଜ୍ଞଙ୍କ ମତରେ ଏବେ ଅଧ୍ୟକ୍ଷ ପଦ ଲାଗି ଯେଉଁସବୁ ଅଗ୍ରଗତି ହେଉଛି ତାହା ଏକ ନାଟକ ପରି ଲାଗୁଛି। ବାସ୍ତବରେ କଂଗ୍ରେସକୁ ସୁଦୃଢ଼ କରିବାକୁ ଯଦି ଏହାର ନେତାମାନେ ଚାହାଁନ୍ତେ, ତାହା ହେଲେ ନିର୍ବାଚନକୁ ସ୍ୱଚ୍ଛ ଓ ଚାପବିହୀନ କରାଯାଇପାରନ୍ତା। ଭାରତୀୟ ଜନତା ପାର୍ଟି (ଭାଜପା) ପରିବାରବାଦ କଥା ଉଠାଇ କଂଗ୍ରେସକୁ ସମାଲୋଚନା କରିଚାଲିଛି। ଏମିତି ଦେଖିଲେ ସବୁ ଦଳ ଓ ସବୁ ବୃତ୍ତିରେ ପରିବାରବାଦର ପ୍ରଭାବ ରହିଛି। କିନ୍ତୁ ତାହାକୁ ନେଇ ଆଣି ଥୋଇପାରୁଥିବା ବ୍ୟକ୍ତି ସଫଳ ହୋଇଥାଆନ୍ତି। ଯେହେତୁ କଂଗ୍ରେସର ବହୁ ନେତା ଚାଟୁକାର ପାଲଟି ଯାଉଛନ୍ତି, ସେହେତୁ ଭିନ୍ନ ସ୍ୱର ଶୁଣିବାକୁ ମିଳୁ ନାହିଁ। ଯେଉଁ କେତେ ଜଣ ବିଦ୍ରୋହ କରୁଥିଲେ ସେମାନଙ୍କ ମଧ୍ୟରେ ନିର୍ମଳ ଭାବମୂର୍ତ୍ତି ଥିବା ନେତାଙ୍କ ଅଭାବ ଥିବାରୁ ସେହି ଅଭିଯାନ ଅରମ୍ଭରୁ ପେଙ୍ଗା ହୋଇଗଲା। ଏଭଳି ସମୟରେ କଂଗ୍ରେସ ନେତାମାନେ ବାରମ୍ବାର ଚିନ୍ତନ ବୈଠକ ଓ ଆତ୍ମସମୀକ୍ଷା ବିଷୟକୁ ନ ଦୋହରାଇ ଲୋକଙ୍କ ସହିତ ବାସ୍ତବତା ଦୃଷ୍ଟିରୁ ଯୋଡ଼ି ହେବାକୁ ଚାହିଁଲେ ହୁଏତ କିଛି ପରିବର୍ତ୍ତନ ଆସିପାରନ୍ତା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଯେତେ ଯାଏ ଗାନ୍ଧୀ ପରିବାର ନିଜ ଲୋଭ ଛାଡ଼ି ଦଳର ମଙ୍ଗଳ ଚିନ୍ତା ନ କରିବେ, ସେପର୍ଯ୍ୟନ୍ତ ପରିବର୍ତ୍ତନ ଆସିପାରିବ ନାହିଁ। ଆଉ ପାଦେ ଆଗକୁ ଯାଇ କହିହେବ ଯେ, ଗାନ୍ଧୀ ପରିବାର ପାଇଁ ଲୋଭ ଛାଡ଼ିବା ଅସମ୍ଭବ।

# ଜଙ୍ଗଲ ସୁରକ୍ଷା ବୋଝ ଆଦିବାସୀଙ୍କ ଉପରେ


ଅମରେନ୍ଦ୍ର ଦାସ

ପ୍ରାୟ ପ୍ରତି ସପ୍ତାହରେ କୌଣସି ଏକ ଦୁର୍ଗମ ଅଞ୍ଚଳରେ ଜଣେ ଗର୍ଭବତୀ ଆଦିବାସୀ ମହିଳା ଖଟିଆରେ ବୁହା ହୋଇ ଡାକ୍ତରଖାନା ଗଲେ ବା ରାସ୍ତାରେ ପ୍ରସବ କରିବାର ଖବର ସମସ୍ତେ ପାଉଛେ। ଏସବୁ ଖବର ପଢ଼ିଲା ବେଳେ ଯାଜପୁର ଜିଲାର ନଗଡ଼ା ଗ୍ରାମର ଚିତ୍ର ସଭିଙ୍କ ଆଖି ଆଗକୁ ଚାଲି ଆସୁଥିବ; ଯେଉଁଠି ମୌଳିକ ସୁବିଧା ଅଭାବରୁ ଅନେକ ଶିଶୁ ଅପପୁଷ୍ଟିର ଶିକାର ହୋଇ ଅକାଳରେ ମୃତ୍ୟୁବରଣ କଲେ। ଅନେକଙ୍କ ମନରେ ପ୍ରଶ୍ନ ଆସୁଥିବ ସରକାର ନଗଡ଼ା ଭଳି ଆଦିବାସୀ ଗାଁଗୁଡ଼ିକୁ କାହିଁକି ସବୁ ଦିନିଆ ରାସ୍ତା ଯୋଗାଇ ଦେଉ ନାହାନ୍ତି। ଆଦିବାସୀ ପଡ଼ା ଗାଁଗୁଡ଼ିକୁ ରାସ୍ତା ଅଭାବରୁ ପାନୀୟ ଜଳ, ବିଜୁଳି ଆଦି ମୌଳିକ ସୁବିଧା ମଧ୍ୟ ମିଳି ନ ଥାଏ। ରାସ୍ତା ଅଭାବରୁ ଆଦିବାସୀ ସମାଜରେ ଶିଶୁ ମୃତ୍ୟୁ, ମାତୃ ମୃତ୍ୟୁ ଏବଂ ଅପମୃତ୍ୟୁ ହାର ସାଧାରଣ ବର୍ଗଙ୍କଠାରୁ ଅଧିକ। ଏସବୁ ସତ୍ତ୍ୱେ ସରକାର ଆଦିବାସୀ ଗାଁଗୁଡ଼ିକୁ ରାସ୍ତା ନିର୍ମାଣ କରିବାରେ କାହିଁକି ତତ୍ପରତା ପ୍ରକାଶ କରୁ ନାହାନ୍ତି ?

ବହୁ ବର୍ଷ ଯାଏ ସ୍ୱାଧୀନ ଭାରତର ଗଣତାନ୍ତ୍ରିକ ସରକାର ଆଦିବାସୀଙ୍କ ଉପରେ ଅବିଶ୍ୱାସ ରଖି ଜଙ୍ଗଲ ଭିତରେ ସେମାନଙ୍କର ପ୍ରବେଶକୁ ବେଆଇନ ଘୋଷଣା କରିଥିଲେ। ୧୯୮୦ ଦଶକର ଶେଷ ବେଳକୁ ହୃଦୟଙ୍ଗମ କଲେ ଯେ ଆଦିବାସୀ ତଥା ଅନ୍ୟ ସ୍ଥାନୀୟ ଅଧିବାସୀମାନେ ଜଙ୍ଗଲ ସୁରକ୍ଷାରେ ସକାରାତ୍ମକ ଭୂମିକା ନେଇପାରିବେ। ଫଳରେ ଜଙ୍ଗଲ ସୁରକ୍ଷାରେ ସ୍ଥାନୀୟ ଅଞ୍ଚଳ ଅଧିବାସୀଙ୍କ ସହଭାଗିତାରେ ବନ ସଂରକ୍ଷଣ ସମିତି ତିଆରି କରାଗଲା। ଜଣାଯାଏ ଯେ ଯେଉଁ ଜାଗାରେ ଜଙ୍ଗଲ ସୁରକ୍ଷାରେ ସ୍ଥାନୀୟ ଅଧିବାସୀମାନଙ୍କର ସହଭାଗିତା ଥାଏ ସେହି ସ୍ଥାନରେ ଜଙ୍ଗଲର ବୃଦ୍ଧି ହୋଇଛି। ଏସବୁ ସତ୍ତ୍ୱେ ଜଙ୍ଗଲ ବିଭାଗର ସ୍ଥାନୀୟ ଲୋକଙ୍କ ଉପରେ ଅନେକ ଅବିଶ୍ୱାସ।

ଜଙ୍ଗଲ ଭିତରେ ବା ଚତୁଃପାର୍ଶ୍ୱରେ ବର୍ଷ ବର୍ଷ ଧରି ରହି ଆସୁଥିବା ଅଧିବାସୀମାନଙ୍କର ଜମି ଉପରେ ନ୍ୟାଯ୍ୟ ଦାବି ପୂରଣ କରିବାକୁ ଯାଇ ସରକାର ଜଙ୍ଗଲ ଅଧିକାର ଆଇନ ପ୍ରଣୟନ କରି ସେମାନଙ୍କୁ ବ୍ୟକ୍ତିଗତ ଏବଂ ସାମୂହିକ ଜମି ଅଧିକାର ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ଓଡ଼ିଶା ଏବଂ ଅନେକ ରାଜ୍ୟ ଏହି ଦିଗରେ ଅଗ୍ରଗତି କଲେଣି। ଏସବୁ ସତ୍ତ୍ୱେ ଜଙ୍ଗଲ ଭିତରେ ଥିବା ଗାଁଗୁଡ଼ିକୁ ରାସ୍ତା ନିର୍ମାଣ, ବିଜୁଳି ଯୋଗାଣ, ପାନୀୟ ଜଳ ଯୋଗାଣ ଆଦିରେ ଜଙ୍ଗଲ ଅନୁମତି ଏକ ବିରାଟ ପ୍ରତିବନ୍ଧକ ହୋଇ ରହିଛି।

ଯଦିଓ ସରକାରଙ୍କର ନିର୍ଦ୍ଦେଶନାମା ଅନୁସାରେ ରାସ୍ତା ଘାଟ ଭଳି ପ୍ରକଳ୍ପ ତଥା ଯେଉଁଠାରେ ପାଞ୍ଚ ହେକ୍ଟରଠାରୁ କମ ଜଙ୍ଗଲ ଅପସାରଣର ଆବଶ୍ୟକତା ରହିଛି ସେଠାରେ ଜିଲା ଜଙ୍ଗଲ ଅଧିକାରୀ ବା ରାଜ୍ୟର ଆଞ୍ଚଳିକ ଦପ୍ତରରେ ଅନୁମତିପ୍ରାପ୍ତ ହୋଇପାରିବ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଆଇନର ଏସବୁ ସୁବିଧା ସତ୍ତ୍ୱେ ଆଦିବାସୀ ପଡ଼ାଗୁଡ଼ିକୁ ସର୍ବନିମ୍ନ ଭିତ୍ତିଭୂମି ଯୋଗାଇ ଦେବା ପାଇଁ ଉଦ୍ୟମ ହେଉ ନାହିଁ।



ଅଧିକାରୀମାନେ ବିଭିନ୍ନ ପ୍ରକଳ୍ପ ପାଇଁ ପାତରଅନ୍ତର ନୀତି ଅବଲମ୍ବନ କରୁଥିବା ଦୃଷ୍ଟି ଗୋଚର ହୁଏ। ଉଦାହରଣ ସ୍ୱରୂପ ଜଙ୍ଗଲଭରା ଗୋଟିଏ ପାହାଡ଼ ଉପରେ ଖଣି ଖୋଳିବା ପାଇଁ ସମସ୍ତ ଅନୁମତି ଅତିଶୀଘ୍ର ମିଳିପାରୁଛି ଅଥଚ ପାହାଡ଼ ତଳେ ଥିବା ଆଦିବାସୀ ଗାଁକୁ ଦଶନ୍ଧି ଦଶନ୍ଧି ଧରି ସବୁଦିନିଆ ରାସ୍ତା, ପାନୀୟ ଜଳ ଯୋଗାଣ ଏବଂ ବିଜୁଳି ଯୋଗାଣ ପାଇଁ ଅନୁମତି ମିଳିପାରୁନି। ନିକଟରେ ଦୁଇଟି ଜିଲାର ଅଧିକାରୀମାନଙ୍କ ସହ ଆଲୋଚନା ବେଳେ ଜାଣିବାକୁ ମିଳିଲା ଯେ ଅର୍ଥର ଉପଲବ୍ଧି ସତ୍ତ୍ୱେ ଜଙ୍ଗଲ ଅନୁମତି ଏବଂ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାରେ ବିଳମ୍ବ ହେବା ଡରରେ ବିଭାଗୀୟ ଅଧିକାରୀମାନେ ଜଙ୍ଗଲ ଜମି ଥିବା ଅଞ୍ଚଳରେ କୌଣସି ନୂଆ ପ୍ରକଳ୍ପ ପାଇଁ ପ୍ରସ୍ତାବ ଉପସ୍ଥାପନ କରନ୍ତି ନାହିଁ। ଫଳରେ ନଗଡ଼ା ଭଳି କାଁ ଭାଁ ଆଦିବାସୀ ଗାଁ ଗଣମାଧ୍ୟମ ଚାପରେ ରାସ୍ତାଟିଏ ପାଇବାର ସୌଭାଗ୍ୟ ପାଇଥାନ୍ତି। ଏହି ଜଟିଳ ପ୍ରକ୍ରିୟାରେ ଆଦିବାସୀମାନେ ବିକାଶର ଧାରାରେ ସାମିଲ ହୋଇପାରି ନାହାନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଆଦିବାସୀ ଗାଁଗୁଡ଼ିକୁ ରାସ୍ତା ନିର୍ମାଣ, ଜଳ ଯୋଗାଣ, ବିଦ୍ୟୁତ ସଂଯୋଗ ଭଳି ସର୍ବସାଧାରଣ ପ୍ରକଳ୍ପ ପାଇଁ ଜଙ୍ଗଲ ମଞ୍ଜୁରୀର ଆବଶ୍ୟକତାକୁ ପ୍ରତ୍ୟାହାର କରିଦେଲେ କୌଣସି କ୍ଷତି ହେବ ନାହିଁ। ବରଂ ଜିଲା ଅଧିକାରୀମାନେ ନିର୍ଦ୍ୱନ୍ଦ୍ୱରେ ଏହି ସବୁ ପ୍ରକଳ୍ପ ନିର୍ମାଣ ପାଇଁ ବିନା କୌଣସି ଡରରେ ପ୍ରସ୍ତାବ ଦେଇ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ସମାପ୍ତ କରିପାରିବେ।

ଏଥିପାଇଁ ସ୍ଥାନୀୟ ଜଙ୍ଗଲ ଅଧିକାରୀଙ୍କ ଉପସ୍ଥିତିରେ ଏକ ଗ୍ରାମ ସଭାର ଆୟୋଜନ କରି ରାସ୍ତା ବା ଅନ୍ୟ ପ୍ରକଳ୍ପର ନକ୍ସା ପ୍ରସ୍ତୁତ କରାଯିବ; ଯେଉଁଥିରେ ସର୍ବନିମ୍ନ ଜଙ୍ଗଲ ନଷ୍ଟ ହେବ। ଗଛ କାଟିବା ଏବଂ ଏହାର ନିଲାମ ଗ୍ରାମବାସୀଙ୍କ ମାଧ୍ୟମରେ କରାଯିବା ଉଚିତ। ଏଥିରୁ ସଂଗୃହୀତ ଅର୍ଥରେ ସ୍ଥାନୀୟ ଅଞ୍ଚଳରେ ଗ୍ରାମବାସୀଙ୍କ ସହଯୋଗରେ ଦୁଇଗୁଣ ବୃକ୍ଷ ରୋପଣ କରାଯିବ। ବୃକ୍ଷ ରୋପଣ ଏବଂ ଏହାର ତଦାରଖ ପାଇଁ ଏକ ବନ ସଂରକ୍ଷଣ ସମିତି ଗଠନ ହେବ। ବାହାର ଅଞ୍ଚଳର ଯାନବାହନ ପ୍ରବେଶ ଏବଂ ଲୋକଙ୍କ ଉପରେ ଏହି ବନ ସଂରକ୍ଷଣ ସମିତି ନଜର ରଖିବ।

ମନେରଖିବାକୁ ହେ ଯେ ଜଙ୍ଗଲ ସୁରକ୍ଷା ପାଇଁ ଜନସାଧାରଣଙ୍କ ଅର୍ଥରେ ନିୟୋଜିତ ହୋଇଥିବା ଜଙ୍ଗଲ ଅଧିକାରୀଙ୍କ ଜଙ୍ଗଲ ନଷ୍ଟରେ ସମ୍ପୃକ୍ତି ଥିବା ଏବଂ ଜଙ୍ଗଲ ସୁରକ୍ଷା ବାବଦରେ ଆସୁଥିବା ଅର୍ଥ ହେରଫେର କରିବାର ଅନେକ ନଜିର ରହିଛି। ତା’ ତୁଳନାରେ ଆଦିବାସୀମାନେ ଅନେକ ଗୁଣରେ ଜଙ୍ଗଲ ସୁରକ୍ଷାର ଦାୟିତ୍ୱବୋଧତା ଦେଖାଇଛନ୍ତି। ଜଙ୍ଗଲ ସୁରକ୍ଷାର ଆଳ ଦେଖାଇ ଆଦିବାସୀମାନଙ୍କୁ ମୌଳିକ ସେବାରୁ ବଞ୍ଚିତ ରଖିବା ଅନୁଚିତ।

ଏଥିପାଇଁ ସରକାର ପ୍ରଥମେ ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗ ଏବଂ ସ୍ଥାନୀୟ ସାମାଜିକ ସଂସ୍ଥାର ସହାୟତାରେ ଜଙ୍ଗଲ ଭିତରେ ରାସ୍ତା ନ ଥିବା ପଡ଼ା ବା ଗାଁଗୁଡ଼ିକର ତାଲିକା ସାର୍ବଜନୀନ କରନ୍ତୁ। ତା’ପରେ ଏହି ଗାଁ ଗୁଡ଼ିକରେ ଜଙ୍ଗଲ ବିଭାଗ ଏବଂ ସ୍ଥାନୀୟ ସାମାଜିକ ସଂସ୍ଥାର ସହାୟତାରେ ଏକ ଗ୍ରାମ ସଭା କରି ରାସ୍ତା ନିର୍ମାଣ ନିମିତ୍ତ ନକ୍ସା ପ୍ରସ୍ତୁତ କରନ୍ତୁ। ଗ୍ରାମ ସଭାରେ ରାସ୍ତାର ନକ୍ସା ମଞ୍ଜୁରୀ ପାଇସାରିବା ପରେ ଗ୍ରାମବାସୀ ଆବଶ୍ୟକ ସଂଖ୍ୟକ ଗଛ କାଟିବେ ଏବଂ ଏହାକୁ ନିଲାମ କରି ଯେଉଁ ଅର୍ଥ ସଂଗ୍ରହ କରିବେ ସେହି ଅର୍ଥରେ ଦୁଇଗୁଣ ବୃକ୍ଷ ରୋପଣ କରିବେ। ଯେଉଁ ସବୁ ଗାଁ ଦେଇ ଏହି ରାସ୍ତା ଯିବ ପ୍ରତ୍ୟେକ ଗାଁରେ ଗୋଟିଏ ଲେଖାଏ ବନ ସଂରକ୍ଷଣ ସମିତି ଗଠନ କରିବେ। ଏହି ବନ ସଂରକ୍ଷଣ ସମିତି ଜଙ୍ଗଲ ସୁରକ୍ଷାର ସମସ୍ତ ଦାୟିତ୍ୱ ନେବ ଏବଂ ବାହାର ଲୋକଙ୍କ ପ୍ରବେଶ ଉପରେ ଆବଶ୍ୟକୀୟ କଟକଣା ଲଗାଇପାରିବ। ଯଦିଓ ଠିକାଦାର ସଂସ୍ଥା ରାସ୍ତା ନିର୍ମାଣର ଦାୟିତ୍ୱ ନେବ ସ୍ଥାନୀୟ ବନ ସଂରକ୍ଷଣ ସମିତି ଏହାର ତଦାରଖ କରିବ। ଠିକ୍ ଏହି ପ୍ରକ୍ରିୟାରେ ବିଦ୍ୟୁତ ସଂଯୋଗ, ଜଳ ଯୋଗାଣ ଭଳି ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକର ତଦାରଖ କରିବ।

ଆଦିବାସୀ ବହୁଳ ଅଞ୍ଚଳ ପାଇଁ ସମ୍ବିଧାନରେ ଗ୍ରାମ ସଭାକୁ ଅନେକ କ୍ଷମତା ପ୍ରଦାନ କରାଯାଇଛି। ଠିକ୍ ସେହିପରି ସାଧାରଣ ଅଞ୍ଚଳରେ ପଞ୍ଚାୟତଗୁଡ଼ିକୁ କ୍ଷମତା ପ୍ରଦାନ କରାଯାଇଛି। ପ୍ରଶାସନିକ ଅଧିକାରୀଙ୍କୁ ଅଧିକ ଭରସା କରି ଗ୍ରାମସଭାକୁ ହେୟ ଜ୍ଞାନ କରିବା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଶୁଭଙ୍କର ନୁହେଁ। ଗଣତନ୍ତ୍ରରେ ଗ୍ରାମସଭାର ନିଷ୍ପତ୍ତି ସର୍ବୋପରି। ଜଙ୍ଗଲ ସୁରକ୍ଷାର ଦ୍ୱାହି ଦେଇ ଆଦିବାସୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ନିର୍ମାଣ ଭଳି ସର୍ବସାଧାରଣ ପ୍ରକଳ୍ପ ପାଇଁ ଗ୍ରାମ ସଭାକୁ ନିଷ୍ପତ୍ତି ନେବାର କ୍ଷମତା ପ୍ରଦାନ କଲେ ଜଙ୍ଗଲ ଭିତରେ ବା ନିକଟରେ ରହୁଥିବା ଗ୍ରାମଗୁଡ଼ିକ ମୌଳିକ ସୁବିଧା ପାଇପାରିବେ।

**ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର**

# ଦେଶ ବିରୋଧୀ

ସେପ୍ଟେମ୍ବର ୧୯ରେ ଗୁଜରାଟର ମୁନ୍ଦ୍ରା ବନ୍ଦରରୁ ରାଜସ୍ୱ ଗୋଇନ୍ଦା ବିଭାଗ(ଡିଆର୍‌ଆଇ) ୪୮ କୋଟି ଟଙ୍କାର ଇ–ସିଗାରେଟ ଷ୍ଟିକ୍ ଜବତ କରିଛି। ଗୁଜରାଟରେ ଚଳିତ ମାସରେ ଇ–ସିଗାରେଟ ଜବତ ହେବା ଦ୍ୱିତୀୟ ଘଟଣା। ସେପ୍ଟେମ୍ବର ୫ରେ ଡିଆର୍‌ଆଇ ସୁରଟ ନିକଟରୁ ୨୦ କୋଟି ଟଙ୍କାର ଇ–ସିଗାରେଟ ବୋଝେଇ ଟ୍ରକ୍ ଜବତ କରିଥିଲା । ମୁନ୍ଦ୍ରାରୁ ଜବତ ହୋଇଥିବା ଉକ୍ତ ସିଗାରେଟ ଚାଇନା ନିର୍ମିତ ୟୁଟୋ ବ୍ରାଣ୍ଡ୍‌ର। ଭାରତୀୟ କିଶୋର ଓ ଯୁବପିଢ଼ି ଇ–ସିଗାରେଟ ପ୍ରତି ଅତ୍ୟଧିକ ଆସକ୍ତ ହେଉଥିବା ଲକ୍ଷ୍ୟ କରି ସେପ୍ଟେମ୍ବର ୨୦୧୯ରୁ ଏହାର ଉତ୍ପାଦନ, ଆମଦାନୀ , ରପ୍ତାନି, ବିକ୍ରି , ବିତରଣ ଓ ବିଜ୍ଞାପନକୁ ଭାରତ ସରକାର ନିଷେଧ କରିଥିଲେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପୃଥିବୀର ୪୭ ଦେଶ ଇ–ସିଗାରେଟ ବ୍ୟାନ୍ କରିଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରେ କୌଣସି ପ୍ରମୁଖ ପାଶ୍ଚାତ୍ୟ ରାଷ୍ଟ୍ର ନାହାନ୍ତି। ଇ–ସିଗାରେଟ ପାନକୁ ଭେପିଂ ମଧ୍ୟ କୁହାଯାଏ। ମୁଖ୍ୟତଃ ଏହା କିଶୋରମାନଙ୍କ ମସ୍ତିଷ୍କ ବିକାଶରେ ବାଧା ସୃଷ୍ଟି କରିବା ସହ ସେମାନଙ୍କ ଶାରୀରିକ ଅବସ୍ଥାକୁ ପ୍ରଭାବିତ କରୁଥିବାରୁ ସେତେବେଳେ ଇ–ସିଗାରେଟ ନିଷେଧ କରାଯାଇଥିବା ସ୍ପଷ୍ଟ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଭାରତ ଯୁବକମାନଙ୍କ ଦେଶ। ବିଶ୍ୱରେ ୧୦ରୁ ୨୪ ବର୍ଷ ବୟସ ମଧ୍ୟରେ କିଶୋର ଓ ଯୁବକଙ୍କ ସଂଖ୍ୟା ଭାରତରେ ସର୍ବାଧିକ । ଏମାନେ ରାଷ୍ଟ୍ରର ସମ୍ବଳ। ନିଶା କବଳରୁ ଏମାନଙ୍କୁ ବଞ୍ଚାଇବା ଲକ୍ଷ୍ୟରେ ଇ–ସିଗାରେଟ ନିଷେଧ କରିବା ଏକ ସୁପଦକ୍ଷେପ। କିନ୍ତୁ ତାହାର କାର୍ଯ୍ୟକାରିତା ଉପରେ ସବୁବେଳେ ପ୍ରଶ୍ନ ଉଠିଛି ଓ ଚୋରା କାରବାର ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ଲଗାଯାଇପାରୁନାହିଁ। ନିଷେଧ କରାଯିବା ସତ୍ତ୍ୱେ ଏହା ବିଦେଶରୁ ଆସୁଥିବାର ପ୍ରମାଣ ଏବେ ଦୁଇଟି ଘଟଣାରୁ ସ୍ପଷ୍ଟ ହୋଇଛି। ୧୫ ଦିନ ବ୍ୟବଧାନରେ ଏତେ ପରିମାଣରେ ଇ–ସିଗାରେଟ ଭାରତକୁ ଆସିବା ଚିନ୍ତାଜନକ ବିଷୟ।

କେବଳ ଇ–ସିଗାରେଟ ନୁହେଁ, ହେରୋଇନ ଆଦି ମାଦକଦ୍ରବ୍ୟ ମଧ୍ୟ ଜବତ ହେବାରେ ଗୁଜରାଟ ସବୁବେଳେ ଚର୍ଚ୍ଚାରେ ରହିଛି। ଗତବର୍ଷ ସମାନ ତାରିଖ ଅର୍ଥାତ୍ ସେପ୍ଟେମ୍ବର ୧୯ରେ ଆଦାନୀ ଗ୍ରୁପ ମାଲିକାନାରେ ଥିବା ଉକ୍ତ ମୁନ୍ଦ୍ରା ବନ୍ଦରରୁ ୩,୦୦୦ କେଜି ହେରୋଇନ ଜବତ କରାଯାଇଥିଲା ; ଯାହାର ମୂଲ୍ୟ ପାଖାପାଖି ୨୧,୦୦୦ କୋଟି ଟଙ୍କା। ଗୁଜରାଟ ମାରାତ୍ମକ ନିଶାଦ୍ରବ୍ୟ ଚୋରା କାରବାର କେନ୍ଦ୍ର ବୋଲି ଏହି ଘଟଣାଗୁଡ଼ିକ ସୂଚାଉଛି। ଅନ୍ୟପକ୍ଷରେ ଗୁଜରାଟରେ ମଦ ବିକ୍ରି ହୁଏ ନାହିଁ ବୋଲି ଦାବି କରି ତାହାକୁ ଭାରତର ‘ଡ୍ରାଏ ଷ୍ଟେଟ୍’ ଆଖ୍ୟା ଦିଆଯାଇଛି। କିନ୍ତୁ ସେହି ରାଜ୍ୟରୁ ଜବତ ମାଦକ ଦ୍ରବ୍ୟର ପରିମାଣକୁ ଦେଖିଲେ ମନେହେଉଛି ଯେପରି ଗୁଜରାଟ ନିଶାଦ୍ରବ୍ୟର ପେଣ୍ଠସ୍ଥଳୀ। ଫୋର୍ବସ୍ ମାଗାଜିନ ପକ୍ଷରୁ କରାଯାଇଥିବା ବିଶ୍ୱର ଧନୀ ବ୍ୟକ୍ତିବିଶେଷଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଗୌତମ ଆଦାନୀ। ହେଲେ ତାଙ୍କ ଦ୍ୱାରା ପରିଚାଳିତ ଏହି ବନ୍ଦରରୁ ବାରମ୍ବାର ନିଶାଦ୍ରବ୍ୟ ଜବତ ହେବା ହେତୁ ମନେହେଉଛି ଯେପରି ଧନ ବଳରେ ପ୍ରଶାସନ ଓ ଆଇନ ବ୍ୟବସ୍ଥାକୁ ହାତେଇ ନେଇ ଦେଶର ଯୁବପିଢ଼ିର ପ୍ରବଳ କ୍ଷତି ଘଟାଯାଉଛି। ଏଭଳି ମାରାତ୍ମକ କାର୍ଯ୍ୟକୁ ଯେକୌଣସି ସଂଗଠନ ବା ରାଜନୈତିକ ବ୍ୟକ୍ତି ସମର୍ଥନ କରୁଛନ୍ତି, ସେମାନେ ଏବେ ସର୍ବୋଚ୍ଚ ଦେଶ ବିରୋଧୀ ଭାବେ ଗଣାହେବା କଥା।

# ବେରୋଜଗାର ପ୍ରଭାବ


ରବିନାରାୟଣ ସାମଲ

ଅଭାବ ଅନଟନରେ ଥିବା ଯେକୌଣସି ପରିବାରର ଜଣେ ବ୍ୟକ୍ତିଙ୍କୁ ଯଦି ନିଯୁକ୍ତିଟିଏ ମିଳିଯାଏ, ତେବେ ସେହି ପରିବାରର ଆର୍ଥିକ ଅବସ୍ଥା ନିଶ୍ଚୟ ସୁଧୁରିଯିବ। ସୁତରାଂ ନିଯୁକ୍ତି ଅପେକ୍ଷାରେ ଥିବା ଦେଶର କୋଟି କୋଟି ଯୁବବର୍ଗ ବଞ୍ଚିବାର ରାହା ଖୋଜୁଥିବା ବେଳେ ସେମାନଙ୍କୁ ଉପଯୁକ୍ତ ଥଇଥାନ କରିବା ହେଉଛି ରାଷ୍ଟ୍ରର ଦାୟିତ୍ୱ। ମାତ୍ର ରାଷ୍ଟ୍ର ଏ କ୍ଷେତ୍ରରେ ବିଫଳ ହୋଇଥିବା ଯେ କେହି ସ୍ୱୀକାର କରିବେ। ନିଯୁକ୍ତି କେବଳ ସରକାରୀ ବା ବେସରକାରୀ ଚାକିରି ଭାବେ ବିବେଚନା ନ କରି ଆତ୍ମନିଯୁକ୍ତିକୁ ମଧ୍ୟ ଅଗ୍ରାଧିକାର ଦିଆଯାଇପାରେ। ନା ନିଯୁକ୍ତି ଅଛି ନା ଆତ୍ମନିଯୁକ୍ତି ନିମିତ୍ତ ସୁଯୋଗ ଅଛି?

ଆମ ଦେଶରେ ୩୫ ବର୍ଷ ବୟସରୁ କମ୍ ଯୁବଗୋଷ୍ଠୀଙ୍କ ମଧ୍ୟରୁ ଶତକଡ଼ା ୬୫ ଭାଗ ବେକାର। ଏହି ସଂଖ୍ୟା ମୋଟ ଜନସଂଖ୍ୟାର ପାଖାପାଖି ଅର୍ଦ୍ଧେକ। ଅଧା କର୍ମବିହୀନ ମାନବସମ୍ବଳକୁ ନେଇ କୌଣସି ଦେଶ କ’ଣ କେବେ ବିକାଶର ସ୍ୱପ୍ନ ଦେଖିପାରେ? କିନ୍ତୁ ଆମ ଦେଶର ରାଜନେତାମାନେ ଏପରି ସ୍ୱପ୍ନ ଦେଖିଥାନ୍ତି। କେତେଗୁଡ଼ିଏ ଆଳଙ୍କାରିକ ଶବ୍ଦଗୁଚ୍ଛକୁ ନେଇ ସେମାନେ ବାହୁସ୍ଫୋଟ ମାରନ୍ତି। ମାତ୍ର ବାସ୍ତବ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ସିଏମ୍‌ଆଇଇ ରିପୋର୍ଟ ଅନୁଯାୟୀ ଗତ ଜୁନ୍ ମାସରେ ଦେଶରେ ବେରୋଜଗାର ଶତକଡ଼ା ୭.୧ରୁ ୭.୮କୁ ବୃଦ୍ଧିପାଇଛି। ନିଯୁକ୍ତି ମିଶନ, ଦକ୍ଷତା ବିକାଶ, ସ୍କିଲ୍ ଇଣ୍ଡିଆ, ମେକ୍ ଇନ୍ ଓଡ଼ିଶା, ମେକ୍ ଇନ୍ ଇଣ୍ଡିଆ ଇତ୍ୟାଦି ବେରୋଜଗାର ହ୍ରାସ କରିବାରେ ସାହାଯ୍ୟ କରିପାରି ନାହିଁ।

ଭାରତୀୟ ରେଳବାଇ ହେଉଛି ସର୍ବାଧିକ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା। ଏବେ ସେଥିରେ ୨ଲକ୍ଷ ୬୫ ହଜାର ପଦବୀ ଖାଲି ପଡ଼ିଛି। ଗତ ୬ ବର୍ଷ ମଧ୍ୟରେ ଗ୍ରୁପ୍ ସି ଓ ଡି ବର୍ଗରେ ୭୨ ହଜାର ପଦବୀ ଉଚ୍ଛେଦ କରାଯାଇଛି। ଆଧୁନିକୀକରଣ ନାଁରେ ଘରୋଇକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। କେବଳ ରେଳବାଇ ନୁହେଁ, ଆମେ ଯେକୌଣସି ଅଫିସ୍‌କୁ ଯିବା ସେଠାରେ ଦୁଇ–ଚାରି ଜଣ କର୍ମଚାରୀ କାର୍ଯ୍ୟରତ ଥିବା ଦେଖିବାକୁ ପାଇବା। ସେ ରାଜ୍ୟ ସରକାରୀ ଅଫିସ ହେଉ, କେନ୍ଦ୍ର ସରକାରୀ ଅଫିସ ହେଉ ବା ବ୍ୟାଙ୍କ, ବୀମା ଭଳି ଅଫିସ ହେଉ। ସବୁଥିରେ ପ୍ରାୟ ଅର୍ଦ୍ଧସଂଖ୍ୟକ କର୍ମଚାରୀଙ୍କୁ ନେଇ କାମ ଚାଲିଛି। ଗୋଟିଏ ପଟେ ଦେଶରେ ବେରୋଜଗାର ବଢ଼ି ଚାଲିଛି, ଅନ୍ୟପଟେ ଲକ୍ଷ ଲକ୍ଷ ପଦବୀ ଶୂନ୍ୟ ଥାଇ ମଧ୍ୟ ନିଯୁକ୍ତି ଦିଆଯାଉ ନାହିଁ, ବରଂ ପଦବୀ ଉଚ୍ଛେଦ କରାଯାଉଛି। ଏବେ କେନ୍ଦ୍ର ସରକାରୀ ଅଫିସରେ ଶତକଡ଼ା ୫୦ ଭାଗ ପଦବୀ ଖାଲି ପଡ଼ିଛି। ସୈନ୍ୟବାହିନୀ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ୨ଲକ୍ଷରୁ ଊର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଛି। ବିଚାର ବିଭାଗରେ ମଧ୍ୟ ତଦ୍ରୂପ ଅବସ୍ଥା। କେବଳ ନିମ୍ନ ଅଦାଲତରେ ୫ ହଜାର ବିଚାରପତି ପଦବୀ ଖାଲି।



ଓଡ଼ିଶା କଥା ଆହୁରି ଉଦ୍‌ବେଗଜନକ। ପ୍ରାୟ ସବୁ ଅଫିସ ଫାଙ୍କା। ଅବସର ନେଉଥିବା କର୍ମଚାରୀଙ୍କ ସ୍ଥାନ ପୂରଣ କରାଯାଉ ନାହିଁ, ଅପରନ୍ତୁ ଉଚ୍ଛେଦ କରାଯାଉଛି। ଆର୍ଥିକ ସଂସ୍କାର କାର୍ଯ୍ୟକାରୀ ହେବାରୁ ୧୯୯୯–୨୦୦୮ ମଧ୍ୟରେ ୪୫,୫୧୩ଟି ପଦବୀ ଉଚ୍ଛେଦ ହୋଇଛି। ଗତ ବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟରେ ୨ଲକ୍ଷ ୨୬ହଜାର ୫୫୯ଟି ପଦବୀ ଖାଲି ପଡ଼ିଛି। ୩,୧୯୭ଟି ସ୍କୁଲ ଜଣେ ଲେଖାଏ ଶିକ୍ଷକରେ ଚାଲିଛି। ସରକାରୀ ମହାବିଦ୍ୟାଳୟରେ ଶତକଡ଼ା ୫୬ ଭାଗ ଶିକ୍ଷକ ପଦବୀ ଖାଲି ଥିଲା ବେଳେ ଶତକଡ଼ା ୬୦ଅଣଶିକ୍ଷକ ପଦବୀ ଖାଲି। ପୋଲିସ ବିଭାଗରେ ୧୧,୪୫୬, ମହିଳା ଓ ଶିଶୁ ବିକାଶ ବିଭାଗରେ ୧୨୫୧, ସମବାୟ ବିଭାଗରେ ୧୮୬୨ ଓ ରାଜସ୍ୱ ବିଭାଗରେ ୭୩୪ଟି ପଦବୀ ଖାଲି। ଡାକ୍ତରଖାନାଗୁଡ଼ିକରେ ଶତକଡ଼ା ୪୪ ପଦବୀ ଖାଲି। ଅବସରପ୍ରାପ୍ତ କର୍ମଚାରୀଙ୍କୁ ସ୍ୱଳ୍ପ ବେତନରେ ପୁନଃ ନିଯୁକ୍ତି ଦିଆଯାଉଥିବା ବେଳେ ଠିକାରେ କର୍ମଚାରୀ ନିଯୁକ୍ତି ପାଉଛନ୍ତି। ଏପଟେ ରାଜରାସ୍ତାରେ ଯୋଗ୍ୟତାସମ୍ପନ୍ନ ଓ ତାଲିମପ୍ରାପ୍ତ ଯୁବକ–ଯୁବତୀ ସାର୍ଟିଫିକେଟ ଧରି ଘୁରି ବୁଲୁଛନ୍ତି।

ସ୍କିଲ୍ ଇଣ୍ଡିଆ ସ୍ଲୋଗାନ ଶୁଣି ଶୁଣି କାନ ବଧିରା ହୋଇଯାଉଥିବା ବେଳେ ଦେଶରେ ସ୍କିଲ୍ଡ ବା କୁଶଳୀ ମାନବସମ୍ବଳକୁ ବିଚାର କଲେ ନିରାଶ ହେବାକୁ ପଡ଼େ। ଜାପାନରେ କୁଶଳୀ ମାନବସମ୍ବଳ ହେଉଛି ମୋଟ ଜନସଂଖ୍ୟାର ଶତକଡ଼ା ୯୬ ଭାଗ। ଏହା ଦକ୍ଷିଣ କୋରିଆରେ ଶତକଡ଼ା ୯୫, ଚାଇନାରେ ଶତକଡ଼ା ୫୬ ଓ ଆମେରିକାରେ ଶତକଡ଼ା ୫୫ ହୋଇଥିବା ସ୍ଥଳେ ଆମ ଦେଶରେ ଏହା ମାତ୍ର ଶତକଡ଼ା ୪ ଭାଗ। ଦେଶ ‘ଆତ୍ମନିର୍ଭରଶୀଳ’ ହେବ କେମିତି? ‘ମେକ୍ ଇନ୍ ଇଣ୍ଡିଆ’ କ’ଣ ଏହି ଅଭାବ ଦୂର କରିପାରିବ?

ସଦ୍ୟ ପ୍ରକାଶିତ ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ବେରୋଜଗାର ଯୋଗୁ ଅନନ୍ୟୋପାୟ ହୋଇ ବେକାର ଯୁବକ–ଯୁବତୀ ଆତ୍ମହତ୍ୟାର ପଥ ବାଛି ନେଉଛନ୍ତି। ବେରୋଜଗାର ଯେ ବ୍ୟକ୍ତିଗତ ଜୀବନକୁ କେବଳ ପ୍ରଭାବିତ କରେ ତାହା ନୁହେଁ, ଏହା ସାମାଜିକ ତଥା ଦେଶର ଅର୍ଥନୀତିକୁ ଅଧିକ ମାତ୍ରାରେ କ୍ଷତି ଘଟାଇଥାଏ। ଦେଶରେ ଦାରିଦ୍ର୍ୟ ବୃଦ୍ଧି କରିବାରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଆଜି ଦେଶରେ ଯେଉଁ ମାନ୍ଦା ଅବସ୍ଥା ସୃଷ୍ଟି ହୋଇଛି ତାହା ମୁଖ୍ୟତଃ ବେରୋଜଗାର ଯୋଗୁ ହିଁ ହୋଇଛି। ବର୍ଷକୁ ପ୍ରାୟ ୨୦ ଲକ୍ଷ ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଲୋକ କାମଧନ୍ଦା ଅଭାବରୁ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି। ସେମାନଙ୍କ ମଧ୍ୟରୁ କିଏ କେଉଁଠି ମଲା କି ଗଲା ସେ ତଥ୍ୟ ସରକାରଙ୍କ ପାଖରେ ନାହିଁ। ମୋଟାମୋଟି ଭାବେ କହିବାକୁ ଗଲେ ବେରୋଜଗାର ଅବସ୍ଥା ଦାରିଦ୍ର୍ୟ ସାଙ୍ଗକୁ ସାମାଜିକ ଅସ୍ଥିରତା ସୃଷ୍ଟି କରିବାରେ ଅଗ୍ର ଭୂମିକା ଗ୍ରହଣ କରୁଛି।

ବର୍ଷକୁ ୨ କୋଟି ନିଯୁକ୍ତି ଦେବାକୁ ମୋଦି ସରକାର ପ୍ରତିଶ୍ରୁତି ଦେଇଥିଲେ। ଆଠ ବର୍ଷ ହେଲାଣି ଜଣେ ବି ହେଲେ ନିଯୁକ୍ତି ପାଇଲେ ନାହିଁ। ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ। ସରକାର କାଳ ବିଳମ୍ବ ନ କରି ଯୁଦ୍ଧକାଳୀନ ଭିତ୍ତିରେ ବେକାର ଯୁବଗୋଷ୍ଠୀଙ୍କୁ କର୍ମ ନିଯୁକ୍ତିର ବ୍ୟବସ୍ଥା କରନ୍ତୁ।

ମୋ– ୭୯୭୫୦୪୬୪୮୬

## ଏଇ ଭାରତରେ

ସମନ୍ୱିତ କୃଷି ସହ ଅନେକ ଶହ ଔଷଧୀୟ ବୃକ୍ଷ ସଂଗ୍ରହକରି କେରଳର ଏଜିକିଲ ପୌଲୋସ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ପୌଲୋସ ପେସାରେ ଜଣେ ସିଷ୍ଟମ ଆର୍କିଟେକ୍ଟ। ସେ କୋଚିର ଦକ୍ଷିଣରେ ଥିବା ଛୋଟାନିକାରରେ ରହନ୍ତି। ପୌଲୋସ ମାଛ, କୁକୁଡ଼ା ଓ ଗୋପାଳନ କରିବା ସହ ଦୀର୍ଘ ୧୪ ବର୍ଷର ନିରବଚ୍ଛିନ୍ନ ପ୍ରୟାସ ବଳରେ ୧ ଏକର ଜମିରେ ୫୦୦ ବିରଳ ଔଷଧୀୟ ବୃକ୍ଷ ଉତାରିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ଘର ଚାରିପାଖରେ ଏହିସବୁ ବୃକ୍ଷ ଶୋଭାପାଉଛି। ସାପକାମୁଡ଼ାଠାରୁ ଆରମ୍ଭ କରି ପେଟ ଓ ଚର୍ମ ଆଦି ବିଭିନ୍ନ ରୋଗ ଲାଗି ବହୁ ଔଷଧୀୟ ବୃକ୍ଷ ସେ ବିଦେଶରୁ ସଂଗ୍ରହ କରିଛନ୍ତି। ବର୍ଷାଜଳ ଅମଳକରି ଜଳସେଚନ କରୁଛନ୍ତି । ସୌରଶକ୍ତି ଦ୍ୱାରା ଘର ଓ ଚାଷ ଲାଗି ବିଦ୍ୟୁତ୍ ଶକ୍ତି ଆବଶ୍ୟକତା ପୂରଣ ହେଉଛି। ୨୦୦୭–୦୮ରୁ ପୌଲୋସ ଔଷଧୀୟ ବୃକ୍ଷ ସଂଗ୍ରହ ଆରମ୍ଭ କରିଥିଲେ। କର୍ନାଟକ ଏବଂ ଉତ୍ତର ପୂର୍ବାଞ୍ଚଳରେ ରହୁଥିବା ପୌଲୋସଙ୍କ ସାଙ୍ଗମାନେ ମଧ୍ୟ ଔଷଧୀୟ ବୃକ୍ଷ ସଂଗ୍ରହ କରି ତାଙ୍କ ପାଖକୁ ପଠାଉଛନ୍ତି। ବଗିଚାର ଯତ୍ନ ନେବାରେ ପୂରା ପରିବାର ତାଙ୍କୁ ସହଯୋଗ କରୁଛନ୍ତି। ସେ ୧୦୦୦ ଔଷଧୀୟ ବୃକ୍ଷ ସଂଗ୍ରହକରି ତାଙ୍କ ବଗିଚାକୁ ଏକ ସବୁଜ ସ୍ୱର୍ଗରେ ପରିଣତ କରିବା ଲାଗି ଯୋଜନା ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ସେପ୍ଟେମ୍ବର ୧୯୯୭

- ୬ ମାସିଆ କାର୍ଯ୍ୟକାଳ ପୂରିଯିବା ପରିପ୍ରେକ୍ଷୀରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ପଦରୁ ମାୟାବତୀଙ୍କ ଇସ୍ତଫା ପ୍ରଦାନ।
- ଲୋକପ୍ରିୟ ଚଳଚ୍ଚିତ୍ର ନିର୍ମାତା ତଥା ଅଭିନେତା ଅନୁପ କୁମାରଙ୍କ ୭୨ ବର୍ଷ ବୟସରେ ପରଲୋକ।
- ଅନୁଗୋଳ–ବୁଢ଼ାପଙ୍କ, ଡୁବୁରୀ–ସୁକିନ୍ଦା ରୋଡ୍ ନୂଆ ରେଳପଥ ନିର୍ମାଣ ଅଭିଯାନର ଏକ ସଫଳତା ସ୍ୱରୂପ ଡୁବୁରୀ ରେଳ ଷ୍ଟେସନର ଭିତ୍ତିପ୍ରସ୍ତର ସ୍ଥାପନ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | 9 | | | | 7 |
| | | 8 | | | | 2 | | |
| | 1 | | | | | 3 | | |
| | 7 | | | 6 | | | | 2 |
| | | 5 | 4 | 2 | | | | |
| | | 2 | 3 | | | | | 4 |
| | 9 | | 2 | | 8 | | | |
| | | | | 5 | 9 | | | |
| | 5 | | 7 | 4 | | | 8 | 9 |

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 3 | 5 | 4 | 8 | 7 | 2 | 9 |
| 9 | 2 | 4 | 6 | 3 | 7 | 8 | 1 | 5 |
| 5 | 7 | 8 | 1 | 9 | 2 | 6 | 3 | 4 |
| 7 | 3 | 2 | 9 | 5 | 6 | 1 | 4 | 8 |
| 4 | 6 | 5 | 3 | 8 | 1 | 9 | 7 | 2 |
| 1 | 8 | 9 | 2 | 7 | 4 | 3 | 5 | 6 |
| 3 | 9 | 6 | 7 | 2 | 5 | 4 | 8 | 1 |
| 2 | 4 | 1 | 8 | 6 | 3 | 5 | 9 | 7 |
| 8 | 5 | 7 | 4 | 1 | 9 | 2 | 6 | 3 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କେନ୍ଦ୍ର ତଦନ୍ତକାରୀ ସଂସ୍ଥାର ଅପବ୍ୟବହାର

ମହାଶୟ,

କେନ୍ଦ୍ର ତଦନ୍ତକାରୀ ସଂସ୍ଥା ଇଡି ଓ ସିବିଆଇର କେନ୍ଦ୍ର ସରକାର ଅପବ୍ୟବହାର କରୁଛନ୍ତି ଏବଂ ବିରୋଧୀମାନଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ଏହି ସଂସ୍ଥାଗୁଡ଼ିକର ସହାୟତା ନେଉଛନ୍ତି ବୋଲି ଅଭିଯୋଗ ହେଉଛି। ଏହି ଅଭିଯୋଗର ସତ୍ୟତା ସାଧାରଣରେ ଉପଲବ୍ଧି ହେଉଛି। କାରଣ ଗତ ୮ ବର୍ଷ ମଧ୍ୟରେ ଏହି ଦୁଇଟି ସଂସ୍ଥା ପକ୍ଷରୁ ବିରୋଧୀ ଦଳର ନେତାଙ୍କ ଉପରେ ଯେତେଥର ଚଢ଼ାଉ ହୋଇଛି ସେହି ତୁଳନାରେ ସରକାରଙ୍କୁ ସମର୍ଥନ କରୁଥିବା ନେତାଙ୍କ ଉପରେ ଚଢ଼ାଉ କରାଯାଉ ନାହିଁ । ପ୍ରଶ୍ନ ଉଠୁଛି ସରକାରଙ୍କୁ ସମର୍ଥନ କରୁଥିବା ଦଳର ନେତାମାନେ କ’ଣ ସଚ୍ଚୋଟ । ଏହି ସଂସ୍ଥାଗୁଡ଼ିକର ଅପବ୍ୟବହାର ଏବେ ମାତ୍ରାଧିକ୍ୟ ବାରି ହୋଇଯାଉଛି। ଏକ ତଥ୍ୟରୁ ଜଣାପଡ଼ିଛି ଯେ, ୨୦୧୧ରୁ ଏ ପର୍ଯ୍ୟନ୍ତ ଇଡି ୧୭୦୦ ସ୍ଥାନରେ ଚଢ଼ାଉ କରିଛି। ମାତ୍ର ୯ଟି ମାମଲାରେ ଅଭିଯୁକ୍ତ ଦୋଷୀସାବ୍ୟସ୍ତ ହୋଇଛନ୍ତି। ଏହା ପ୍ରମାଣିତ କରୁଛି ଯେ, ଚଢ଼ାଉ ଓ ଜେରା ଉଦ୍ଦେଶ୍ୟମୂଳକ ଭାବେ ହେଉଛି।

**– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ଚଳଇ ଧୀରେ ମେଘ
ଆକାଶେ ନାହିଁ ବେଗ
ଅଶନିଘୋଷ ନାହିଁ ଶୁଭଇ
ପିଚ୍ଛିଳ ପଥେ ପାଦ
ରଚଇ ପରମାଦ
ମରମ କି ଦରଦ ଲଭଇ !
–(ବର୍ଷାରତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶେଷରେ ରାଜିହେଲା ରିମ୍‌ଝିମ୍

ଢେଙ୍କାନାଳ ଅଫିସ, ୨୦।୯

ଦୀର୍ଘଦିନର ବାଦ-ବିବାଦ, ଆଲୋଚନା-ପର୍ଯ୍ୟାଲୋଚନାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଜମିହରା ୧୫୦ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଦକ୍ଷତା ଓ ଯୋଗ୍ୟତାଭିତ୍ତିରେ ନିଯୁକ୍ତି ଦେବାକୁ ରାଜି ହୋଇଛି ରିମ୍‌ଝିମ୍ ଇସ୍ପାତ କମ୍ପାନୀ। ୨୦୨୩ ଜାନୁୟାରୀ ଶେଷ ସୁଦ୍ଧା ଏହି ପ୍ରକ୍ରିୟା ଶେଷ ହେବ। ଏକ ସୁସ୍ଥ ବାତାବରଣରେ ହୋଇଥିବା ଆଲୋଚନାରୁ ଦୀର୍ଘଦିନ ଧରି ଚାଲିଥିବା ଜମିହରା ଏବଂ କମ୍ପାନୀ ବିବାଦର ସମାଧାନ ହୋଇଛି, ଯାହାକୁ ସବୁ ମହଲରେ ପ୍ରଶଂସା କରାଯାଉଛି।

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କୁରୁଣ୍ଟି ଗ୍ରାମରେ ପ୍ରତିଷ୍ଠିତ ପୁରୁଣା ବିଆର୍‌ଜି ଆଇରନ କମ୍ପାନୀ ବନ୍ଦ ହୋଇଯିବା ପରେ ସେଠାରେ ନୂଆରେ ଆରମ୍ଭ ହୋଇଛି ରିମ୍‌ଝିମ୍ ଇସ୍ପାତ କାରଖାନା। ଉକ୍ତ ସମୟରେ ଜମି ହରାଇଥିବା ୧୭୫ ଜମିହରା ପ୍ରଜାଙ୍କୁ ବିଆର୍‌ଜି କମ୍ପାନୀରେ ନିଯୁକ୍ତି ଦିଆଯାଇଥିଲା। ତେବେ କମ୍ପାନୀ ବନ୍ଦ ହୋଇଯିବା ପରେ ସେମାନେ ରୋଜଗାର ହରାଇଥିଲେ। ଇତିମଧ୍ୟରେ ରିମ୍‌ଝିମ୍ କମ୍ପାନୀ ଆରମ୍ଭ ହେବା ପରେ କ୍ଷତିଗ୍ରସ୍ତଙ୍କୁ ସେଠାରେ ନିଯୁକ୍ତି ଦିଆଯିବାକୁ ଦାବି ଉଠିଥିଲା। କମ୍ପାନୀ କର୍ତ୍ତୃପକ୍ଷ, ପ୍ରଶାସନ ଏବଂ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଏକାଧିକ ଥର ବୈଠକ ବସିଥିଲେ ମଧ୍ୟ ଏହାର ସମାଧାନ ସୂତ୍ର ବାହାରି ପାରୁ ନ ଥିଲା। କମ୍ପାନୀ ପ୍ରତିଶ୍ରୁତି ପୂରଣ କରିବାରେ ଦିନ ଗଡ଼ାଉଥିବାରୁ ଅସନ୍ତୋଷ ତୀବ୍ର ହେବାରେ ଲାଗିଥିଲା। ତେବେ ମଙ୍ଗଳବାର ଜିଲା କାର୍ଯ୍ୟାଳୟର ଓସ୍ୱାନ ଭିଡିଓ କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ ଏହାର ସମାଧାନ ହୋଇଛି। ସମ୍ପୃକ୍ତ କର୍ମଚାରୀଙ୍କୁ କମ୍ପାନୀରେ ନିଯୁକ୍ତି ଦେବାକୁ ରାଜିନାମା ସ୍ୱାକ୍ଷର ହୋଇଛି। ବୈଠକରେ ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ସରୋଜ କୁମାର ସେଠୀ, ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘ ସଭାପତି ଗଙ୍ଗାଧର ସାମଲ, କୁରୁଣ୍ଟି ଗ୍ରାମ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଆଲୋଚନାରୁ ଜଣାପଡ଼ିଛି, ୧୭୫ କ୍ଷତିଗ୍ରସ୍ତ ପ୍ରଜାଙ୍କ ମଧ୍ୟରୁ ୨୫ଜଣଙ୍କ ଅବସର ବୟସ ହୋଇଯାଇଥିବାରୁ ସେମାନଙ୍କୁ ନିୟମ ମୁତାବକ ପ୍ରାପ୍ୟ ଦିଆଯାଇ ଥଇଥାନ କରାଯାଇଛି। ଅବଶିଷ୍ଟ ୧୫୦ଜଣଙ୍କ ମଧ୍ୟରୁ ପୂର୍ବ ବୈଠକରେ ଯୋଗ୍ୟତା ଅନୁଯାୟୀ ୬୪ଜଣଙ୍କୁ ନିଯୁକ୍ତି ଦେବା ଲାଗି କମ୍ପାନୀ କର୍ତ୍ତୃପକ୍ଷ ସହମତି ଜଣାଇଥିଲେ। ତେବେ ୨ ଜଣ ନ ଆସିବାରୁ ୬୨ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ତେବେ ନିଯୁକ୍ତିପତ୍ରରେ ନାମ, ଠିକଣାରେ ବ୍ୟାପକ ତ୍ରୁଟିବିଚ୍ୟୁତି ରହିଥିବାରୁ ବୈଠକ ଆରମ୍ଭରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ସଂଶୋଧନ କରିବା ଲାଗି କମ୍ପାନୀ ଅଧିକାରୀ ରାଜି ହୋଇଛନ୍ତି। ନିଯୁକ୍ତି ଅପେକ୍ଷାରେ ଥିବା ୮୮ଜଣଙ୍କ ମଧ୍ୟରୁ ୬୮ଜଣଙ୍କୁ ଅକ୍ଟୋବର ସୁଦ୍ଧା ନିଯୁକ୍ତିପତ୍ର ପ୍ରଦାନ କରାଯିବ। ଅନ୍ୟ ୨୦ ଜଣଙ୍କ ବିଷୟରେ ଯାଞ୍ଚ କରାଯିବା ପରେ ନିଯୁକ୍ତି ଦିଆଯିବ ବୋଲି ଆଲୋଚନା ହୋଇଥିବା କମ୍ପାନୀର ମାନବ ସମ୍ବଳ ଓ ପ୍ରଶାସନିକ ମୁଖ୍ୟ ଏନ୍.ପି. ସିଂ କହିଛନ୍ତି। ଏ ସଂକ୍ରାନ୍ତରେ ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘ ସଭାପତି କୁହନ୍ତି, ଦିଆଯାଇଥିବା ନିଯୁକ୍ତିପତ୍ରରେ ନାମ, ଠିକଣା ଭୁଲ ଥିଲା। ହିତାଧିକାରୀମାନଙ୍କ ବାପାଙ୍କ ନାମ ନ ଥିଲା। ଜିଲାପାଳ ଏହାକୁ ସଂଶୋଧନ କରିବା ପାଇଁ କହିଛନ୍ତି। ଜାନୁୟାରୀ ସୁଦ୍ଧା ସମସ୍ତ ନିଯୁକ୍ତି ପ୍ରକ୍ରିୟା ସରିବ ବୋଲି ଏକ ତ୍ରିପାକ୍ଷିକ ଏଗ୍ରିମେଣ୍ଟ ହୋଇଛି। ଜିଲାପାଳ କୁହନ୍ତି, କମ୍ପାନୀରେ ପ୍ରଥମ ପର୍ଯ୍ୟାୟରେ ନିଯୁକ୍ତିପତ୍ର ପାଇଥିବା ୬୪ଜଣଙ୍କ ମଧ୍ୟରୁ ୨୦ଜଣ ନିଯୁକ୍ତି ପାଇସାରିଲେଣି। ଆଉ ୪୦ଜଣ ଖୁବ୍‌ଶୀଘ୍ର ନିଯୁକ୍ତି ପାଇବେ। ଦୁଇମାସ ମଧ୍ୟରେ ଆଉକିଛି ଲୋକଙ୍କ ଦକ୍ଷତା ଓ ଯୋଗ୍ୟତା ଅନୁଯାୟୀ କର୍ମନିଯୋଜନ ଦିଆଯିବ। ବିବାଦର ସମାଧାନ ହୋଇଛି। କମ୍ପାନୀ ଓ ଜମିହରା ପ୍ରଜାଙ୍କ ମଧ୍ୟରେ ବୁଝାମଣା ଅନୁଯାୟୀ କାର୍ଯ୍ୟ ଚାଲିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜିଲା ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ, ଅଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘ ସମ୍ପାଦକ ବିଜୟ କୁମାର ଧଳ, ଉପଦେଷ୍ଟା ଆଇନଜୀବୀ ପଙ୍କଜ ଲୋଚନ ସାହୁ, ଜମିହରା ପ୍ରଜାଙ୍କ ପକ୍ଷରୁ ରାଜୀବ ଗୋପାଳ ସ୍ୱାଇଁ, ଚିତ୍ତରଞ୍ଜନ ନାଥ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଜନପ୍ରତିନିଧି, ଜିଲାପାଳ, ପ୍ରଶାସନିକ ଅଧିକାରୀ, କମ୍ପାନୀ ଅଧିକାରୀଙ୍କ ସମେତ ଅନ୍ୟମାନେ।

- ଆଲୋଚନା ପରେ କ୍ଷତିଗ୍ରସ୍ତ-କମ୍ପାନୀ ବିବାଦର ସମାଧାନ
- ଯୋଗ୍ୟତା, ଦକ୍ଷତା ଭିତ୍ତିରେ ୧୫୦ ଜମିହରାଙ୍କୁ ନିଯୁକ୍ତି ମିଳିବ
- ୨୦୨୩ ଜାନୁୟାରୀ ଶେଷ ସୁଦ୍ଧା ଶେଷହେବ ନିଯୁକ୍ତି ପ୍ରକ୍ରିୟା

## ସଂକ୍ଷେପରେ

### ବନ୍ୟପ୍ରାଣୀ ଶିକାର କରି ବନ୍ଧା ହେଲେ ବାବା



ପରଜଙ୍ଗ, ୨୦।୯(ଡି.ଏନ୍.ଏ.): ଢେଙ୍କାନାଳ ବନଖଣ୍ଡ ମୁଣ୍ଡାପଶି ଫରେଷ୍ଟ ସେକ୍ସନ ଅଧୀନ କଙ୍କିଳି କୁଣ୍ଡେଓଳି ସଂରକ୍ଷିତ ଜଙ୍ଗଲରୁ ବନ୍ୟଜନ୍ତୁ ଶିକାର କରିଥିବା ଅଭିଯୋଗରେ ଜଣେ ବାବାଙ୍କୁ ବନ ବିଭାଗ ଗିରଫ କରିଛି। ସେ ହେଲେ ଅନନ୍ତ ଚରଣ ଦାସ ଓରଫ ଖଡ଼ିଆ ବାବା। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବନ ବିଭାଗ ସୂଚନା ଅନୁଯାୟୀ, ଅଭିଯୁକ୍ତ ବାବା ଜଣକ ପ୍ରାୟ ଦୁଇବର୍ଷ ହେଲା ଜଙ୍ଗଲ ଜମିରେ ଥିବା ବଡ଼ ବଡ଼ ଗଛ କାଟି ସଫା କରିବା ସହ ସେଠାରେ ଆଶ୍ରମ ସ୍ଥାପନ କରିଛନ୍ତି। ସେଠାକୁ ଖାଦ୍ୟ ଅନ୍ୱେଷଣରେ ଆସୁଥିବା ବନ୍ୟପ୍ରାଣୀଙ୍କୁ ଶିକାର କରି ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗ ବିକ୍ରି କରି ମୋଟା ଅଙ୍କର ଟଙ୍କା ରୋଜଗାର କରୁଛନ୍ତି। ଏ ନେଇ ଢେଙ୍କାନାଳ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ)ଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏଥିରେ ମଠକୁ ଉଚ୍ଛେଦ କରିବା ସହ ବାବାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଏଫ୍‌ଓ ମୁଣ୍ଡାପଶି ଫରେଷ୍ଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫରେଷ୍ଟର ପ୍ରଦୀପ କୁମାର ଭଞ୍ଜ କୁହନ୍ତି, ମଠର ବାବାଙ୍କୁ ଗିରଫ କରାଯାଇଛି। ବୁଧବାର ତାଙ୍କୁ କୋର୍ଟ ଚାଲଣ କରାଯିବା ସହ ଜଙ୍ଗଲ ଜମିରୁ ମଠକୁ ଉଚ୍ଛେଦ କରାଯିବ।

### ଚୋରା କୋଇଲା ଜବତ



ଭୁବନ, ୨୦।୯(ଡି.ଏନ.ଏ.): ଭୁବନ ଥାନା ଅନ୍ତର୍ଗତ ଚନ୍ଦାର ରଗଡ଼ା ପଡ଼ିଆରେ ବେଆଇନ ଭାବେ ଗଚ୍ଛିତ ଥିବା ୩ ଟ୍ରକ୍ ଚୋରା କୋଇଲାକୁ ମଙ୍ଗଳବାର ପୋଲିସ ଜବତ କରିଛି। ତାଳଚେର ଅଞ୍ଚଳରୁ ଉକ୍ତ କୋଇଲା ଚୋରାରେ ଅଣାଯାଇ ପଡ଼ିଆରେ ରଖାଯାଇଥିବା ସୂଚନା ମିଳିବା ପରେ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶରେ ପୋଲିସ କର୍ମଚାରୀ ଚଢ଼ାଉ କରିଥିଲେ। ଗ୍ରାମବାସୀଙ୍କ କହିବା କଥା, ଭୋର୍ ସମୟରେ ୩ଟି ଟ୍ରକ୍‌ରେ ଉକ୍ତ କୋଇଲା ଅଣାଯାଇ ପଡ଼ିଆରେ ରଖାଯାଇଥିଲା। ତାଳଚେର ଅଞ୍ଚଳର ଖଣି ଅଧିକାରୀ ପହଞ୍ଚି ଉକ୍ତ କୋଇଲା ନିଜ ହେପାଜତକୁ ନେଇଛନ୍ତି। ଘଟଣାର ତଦନ୍ତ ଜାରି ରହିଛି।

### ମୋଟର ପମ୍ପ୍ ଚୋରି

ଭୁବନ, ୨୦।୯(ଡି.ଏନ୍.ଏ.): ଢେଙ୍କାନାଳ ଜିଲା ଭୁବନ ଥାନା ମଠଖୋକସା ପାଣି ପଞ୍ଚାୟତର ପାଣିପମ୍ପ୍‌କୁ ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ସୋମବାର ରାତିରେ ଏହି ଘଟଣା ଘଟିଥିବା ପମ୍ପ୍ ହାଉସ୍ ଦାୟିତ୍ୱରେ ଥିବା ସଞ୍ଜୀବ ମହାନ୍ତି ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୩୮୦/୨୨ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅଞ୍ଚଳରେ ଚୋରି ଉପଦ୍ରବ ବଢୁଥିବାରୁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହେଉଛି।

## ବାଇକ୍ ଧକ୍କାରେ ଦିନମଜୁରିଆ ମୃତ

ଭୁବନ, ୨୦।୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ଥାନା ଅନଳ ଗ୍ରାମ ନିକଟ ରେଙ୍ଗାଳି ବାମ କେନାଲ ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ଜଣେ ଦିନ ମଜୁରିଆଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅନଳ ଗ୍ରାମର ଦସୁଆ ନାୟକ (୪୫)। ସେ ଭାଲୁକିପାତାଳ ଅଞ୍ଚଳରୁ କାମସାରି ସାଇକେଲରେ ଫେରୁଥିବାବେଳେ ପଛପଟୁ ଉକ୍ତ ବାଇକ୍ (ନଂ. ଓଡ଼ି ୩୪ ଜି ୭୦୭୧) ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଦସୁଆଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଦୁର୍ଘଟଣା ଘଟାଇ ମହୁଲଖାଲ ଅଞ୍ଚଳର ସମ୍ପୃକ୍ତ ବାଇକ୍ ଆରୋହୀ ଫେରାର ହୋଇଯାଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବୁଧବାର ପୋଷ୍ଟମର୍ଟମ କରାଯିବ ବୋଲି ପୋଲିସ କହିଛି। ଅନ୍ୟପଟେ ଦୁର୍ଘଟଣା ପରେ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ସମ୍ପର୍କୀୟ ଏବଂ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜଣେ ବ୍ୟକ୍ତି ନେଇଯିବାକୁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ ତାଙ୍କ କାବୁ କରି ପୋଲିସ ଜମା ଦେଇଥିଲେ। ଥାନାଧିକାରୀ ସୌଭାଗ୍ୟ ସ୍ୱାଇଁ ସଦଳବଳ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ମୃତ ଦସୁଆଙ୍କ ସ୍ତ୍ରୀ, ଦୁଇଝିଅ ଏବଂ ପୁଅ ଅଛନ୍ତି। କିଛିଦିନ ତଳେ ସେ ତାଙ୍କ ବଡ଼ ଝିଅଙ୍କୁ ବିବାହ ଦେଇଥିଲେ। ଘରର ରୋଜଗାରିଆ ସଦସ୍ୟଙ୍କ ମୃତ୍ୟୁରେ ପରିବାର ଭାଙ୍ଗି ପଡ଼ିଥିବାବେଳେ ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# ପ୍ରକଳ୍ପ ଦେଖିଲେ ଅତିରିକ୍ତ ସଚିବ

କାମାକ୍ଷାନଗର, ୨୦।୯(ଡି.ଏନ୍.ଏ.)

ରାଜ୍ୟ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ତଥା ଢେଙ୍କାନାଳ ଜିଲା ନୋଡାଲ ଅଫିସର ନରୋତ୍ତମ ବେହେରା ମଙ୍ଗଳବାର କାମାକ୍ଷାନଗର ବ୍ଲକ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଛନ୍ତି। ସେ ପ୍ରଥମେ ରାୟନୃସିଂହପୁର ପଞ୍ଚାୟତ ଗସ୍ତ କରି ପାଠାଗାର ଏବଂ ମହୁଚାଷ ଦେଖିଥିଲେ। କୁସୁମଯୋଡ଼ି ପଞ୍ଚାୟତର ମହୁଲି ଗ୍ରାମରେ ମହିଳା ଗୋଷ୍ଠୀ ଦ୍ୱାରା କରାଯାଇଥିବା ରଙ୍ଗିନ ମାଛଚାଷ ଦେଖି ଖୁସିବ୍ୟକ୍ତ କରିଥିଲେ। ଅଁଳାବେରେଣୀ ଗାଁର ମହିଳା ଗୋଷ୍ଠୀ ସିଲେଇ କେନ୍ଦ୍ର ବୁଲି ଉତ୍ସାହିତ କରିଥିଲେ। ପରେ ପର୍ଯ୍ୟାୟକ୍ରମେ ସୋଗରସ୍ଥିତ ମହାତ୍ମା ଗାନ୍ଧୀ ଔଷଧୀୟ ଅରଣ୍ୟ, ବୁଢ଼ୀବିଲି ପଞ୍ଚାୟତ କାର୍ଯ୍ୟାଳୟ, ପାର୍କ, ଭଏରପୁର ପାର୍କ, ବାଲିଗୋରଡ଼ ପଞ୍ଚାୟତର ନିର୍ମାଣାଧୀନ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ଉନ୍ନୟନମୂଳକ କାର୍ଯ୍ୟ ଅଗ୍ରଗତି କରିବାକୁ ପରାମର୍ଶ ଦେଇଛନ୍ତି।

ଅତିରିକ୍ତ ସଚିବ ବ୍ଲକ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ କରିଥିଲେ। ଜିଲା ପରିଷଦ ନିର୍ବାହୀ ଅଧିକାରୀ ତନ୍ମୟ ଦରୱାନ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ବିଡିଓ ବିକାଶ ମହାନ୍ତି, ସହକାରୀ ଯନ୍ତ୍ରୀ ରଞ୍ଜିତ ବେହେରା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ରାୟନୃସିଂହପୁର ସରପଞ୍ଚ ଶିଶିରକାନ୍ତ ବେହେରା, କୁସୁମଯୋଡ଼ି ସରପଞ୍ଚ ରାଧାନାଥ ନାୟକ, ମହୁଲପାଳ ସମିତିସଭ୍ୟ ସୁଶାନ୍ତ ପଟ୍ଟନାୟକ, ଯନ୍ତ୍ରୀ ମନୋଜ ଦାସ, ଶତ୍ରୁଘ୍ନ ଦଣ୍ଡପାଟଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ଅଧିକାରୀ ପ୍ରକଳ୍ପ ବୁଲି ଦେଖୁଛନ୍ତି।

## ମଦ ଜବତ, ୭ ଗିରଫ

ଢେଙ୍କାନାଳ ଅଫିସ/ ଭୁବନ(ଡି.ଏନ୍.ଏ.), ୨୦।୯

ଢେଙ୍କାନାଳ ଜିଲା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୭୩ ଲିଟର ଦେଶୀ ମଦ, ୭.୮ ଲିଟର ବିୟର ଏବଂ ଏକ ବାଇକ୍ ଜବତ କରାଯାଇଛି। ଚୋରା ମଦ କାରବାରରେ ସମ୍ପୃକ୍ତି ଅଭିଯୋଗରେ କଦମପାଳର ଧୀର ମଲ୍ଲିକ, କୋକେଇଦାର ସମୀର ସାହୁ, ସୁରେଶ ସାମଲ, ରୀଆର ଭଗବାନ ଓଝା, ଶତ୍ରୁଘ୍ନ ନାଥ, ନିହଲପ୍ରସାଦର କୁଳମଣି ଭୂୟାଁ ଏବଂ ନିତ୍ୟାନନ୍ଦପୁର ଦ୍ରୋଣ ଦେହୁରୀଙ୍କୁ ଗିରଫ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ ଓ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ। ସେହିପରି ଭୁବନ ଥାନା ପୋଲିସ ବାଉଁଶକଣ ଅଞ୍ଚଳର ଏକ ଢାବାରୁ ସୋମବାର ବିଳମ୍ବିତ ରାତିରେ ୧୮ ବୋତଲ ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

## ତାଡିଲେ କୁକୁଡ଼ାଚାଷୀ



କମ୍ପାନୀ କାର୍ଯ୍ୟାଳୟ ଆଗରେ କୁକୁଡ଼ା ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପରଜଙ୍ଗ, ୨୦।୯(ଡି.ଏନ୍.ଏ.)

ନିମ୍ନମାନର କୁକୁଡ଼ା ଚିଆଁ ଏବଂ ସାର ଯୋଗାଉଥିବା କମ୍ପାନୀ ବିରୋଧରେ ପରଜଙ୍ଗ ଅଞ୍ଚଳର କୁକୁଡ଼ା ଚାଷୀଙ୍କ ମଧ୍ୟରେ ପୁଞ୍ଜୀଭୂତ ଅସନ୍ତୋଷ ତେଜିବାରେ ଲାଗିଛି। ଏହାର ପ୍ରତିବାଦରେ ମଙ୍ଗଳବାର ବହୁ ଚାଷୀ ପରଜଙ୍ଗସ୍ଥିତ କମ୍ପାନୀ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଉକ୍ତ କମ୍ପାନୀ ଚାଷୀଙ୍କୁ ନିମ୍ନମାନର ସାମଗ୍ରୀ ଯୋଗାଉଛି। ଚାଷୀମାନେ ବିପୁଳ କ୍ଷତି ସହୁଛନ୍ତି। ଏହା ବିରୋଧରେ ଅଞ୍ଚଳ ସମସ୍ତ କୁକୁଡ଼ା ଚାଷୀ ଏକାଠି ହୋଇ ଏକ କମିଟି ଗଠନ କରିଛନ୍ତି। କମ୍ପାନୀଠାରୁ ସାମଗ୍ରୀ ନ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାସତ୍ତ୍ୱେ ଉକ୍ତ କମ୍ପାନୀ ଚାଷୀଙ୍କ ସରଳତାର ସୁଯୋଗ ନେଇ କେତେକ ସ୍ଥାନରେ ବ୍ୟବସାୟ ଜାରି ରଖିଛି। କୌଶଳକ୍ରମେ ନିମ୍ନମାନର ଚିଆଁ ଯୋଗାଣ ଜାରି ରଖିଛି। ଏହା ଜଣାପଡ଼ିବା ପରେ ଶତାଧିକ ଚାଷୀ କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଉତ୍ତେଜନା ବଢ଼ିବାରୁ କମ୍ପାନୀ ଦାୟିତ୍ୱରେ ଥିବା ଅଧିକାରୀ ପୋଲିସକୁ ଅବଗତ କରାଇଥିଲେ। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରିଛି। ସମସ୍ୟାର ସମାଧାନ ୭ଦିନ ମଧ୍ୟରେ କରିବାକୁ ଚାଷୀମାନେ ଦାବି କରିଥିବାବେଳେ ସେତିକି ସମୟ ଯାଏ କୌଣସି ଫାର୍ମକୁ କମ୍ପାନୀ ଚିଆଁ ଯୋଗାଣ ନ କରିବାକୁ କୁହାଯାଇଛି। ବିକ୍ଷୋଭରେ ଜିଲା ସଂଘ ସମ୍ପାଦକ ମାନସ ରଞ୍ଜନ ବରାଳ, ବ୍ଲକ ସଭାପତି ବାଉରୀବନ୍ଧୁ ରାଉତଙ୍କ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

**କମ୍ପାନୀ ଦେଉଛି ନିମ୍ନମାନର ଚିଆଁ, ଦାନା**

# ବିଦ୍ୟୁତ୍ ଆଘାତରେ ବାପପୁଅ ଗୁରୁତର

ପରଜଙ୍ଗ, ୨୦।୯(ଡି.ଏନ୍.ଏ.)

ପରଜଙ୍ଗ ଥାନା ଝିଲ୍ଲି ପଞ୍ଚାୟତ ଅନ୍ତର୍ଗତ ତୋରୋଡ଼ାନାଳୀ ଗ୍ରାମର ରବି ନାଏକ (୪୬) ଏବଂ ତାଙ୍କ ପୁଅ ଅମ୍ଳାନ (୧୬) ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। ଉଭୟେ ଘରେ କାମ କରୁଥିବାବେଳେ ବିଦ୍ୟୁତ୍ ସର୍ଭିସ ତାର ଛିଣ୍ଡିଯାଇଥିଲା। ଭୂଇଁ ଓଦା ଥିବାରୁ କରେଣ୍ଟ ଚାର୍ଜ ହୋଇଯାଇଥିଲା। ବିଦ୍ୟୁତ୍ ଝଟକା ଖାଇ ଉଭୟେ ଛିଟିକି ପଡ଼ିଥିଲେ। ଦୁହିଁଙ୍କ ଦେହସାରା କ୍ଷତ ସୃଷ୍ଟି ହୋଇଛି। ରବିଙ୍କ ବାମ ହାତ ପାପୁଲିର କିଛି ଅଂଶ ପୋଡ଼ିଯାଇଛି। ସେମାନଙ୍କୁ ଆମ୍ବୁଲାନ୍ସରେ ପ୍ରଥମେ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ହେବାରୁ ପରେ କାମାକ୍ଷାନଗର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



ଗୁରୁତର ରବି ନାଏକ ଓ ତାଙ୍କ ପୁଅ।

# ହ୍ୱାଟ୍ସଆପ୍‌ରେ ଯୋଡ଼ିହେବେ କର୍ମୀ




କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଦଳୀୟ ନେତୃବୃନ୍ଦ।

ପରଜଙ୍ଗ, ୨୦।୯(ଡି.ଏନ.ଏ.)

ସାଧାରଣ ନିର୍ବାଚନ ପୂର୍ବରୁ ଢେଙ୍କାନାଳ ଜିଲାରେ ପ୍ରସ୍ତୁତି ଆରମ୍ଭ କଲାଣି ବିଜୁ ଜନତା ଦଳ (ବିଜେଡି)। କର୍ମୀମାନଙ୍କୁ ଏକଜୁଟ କରିବା, ସଙ୍ଗଠନକୁ ମଜଭୁତ୍ କରିବା ଲାଗି ସଭାସମିତି କରି ମନ୍ତ୍ର ଦେଉଛନ୍ତି ପୁରୁଖା ନେତା। ଏହି ପରିପ୍ରେକ୍ଷୀରେ ପରଜଙ୍ଗ ବ୍ଲକ ବିଜୁ ଓ ଛାତ୍ର ମହିଳା ବିଜେଡି ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ, ସମ୍ମାନିତ ଅତିଥି ଅସିତ୍ ରାୟଚୌଧୁରୀ, ଜିଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଦଳର ସମସ୍ତ ସକ୍ରିୟ ସଦସ୍ୟଙ୍କୁ ହ୍ୱାଟ୍ସ ଆପ୍ ଗ୍ରୁପ୍ ମାଧ୍ୟମରେ ଯୋଡ଼ିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ରୁନୁ ବର୍ମା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରିୟଜିତ୍ ସାମଲ, ନାରୀନେତ୍ରୀ ସିଷ୍ଟର ନିବେଦିତା, ସରପଞ୍ଚ ଗାୟତ୍ରୀ ମହାପାତ୍ର, ସମବାୟ ସମିତି ସଭାପତି ଭୂପେଶ ପ୍ରଧାନ, ଶ୍ରମିକ ନେତା ଦିଲୀପ ବର୍ମା ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

**ବିଜେଡିର କର୍ମୀ ସମ୍ମିଳନୀ**

# ମୂର୍ତ୍ତି ଭାଙ୍ଗିଦେଲେ ଦୁର୍ବୃତ୍ତ

- ପୂଜା ଭଣ୍ଡୁର କରିବା ପାଇଁ ହୀନ ଚକ୍ରାନ୍ତ
- ଥାନାରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ

ଢେଙ୍କାନାଳ ଅଫିସ, ୨୦।୯

ଢେଙ୍କାନାଳ କଲେଜ ବଜାରସ୍ଥିତ ମା' ସୁନ୍ଦରଶୁଣୀ ମାତୃ ଆସ୍ଥାନ ଗଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନର ପାର୍ଶ୍ୱ ମୂର୍ତ୍ତି ଏବଂ ଦ୍ୱାରପାଳ ମୂର୍ତ୍ତିକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୮ଟାରେ ଏହି ଘଟଣା ପଦାକୁ ଆସିଥିଲା। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ପୂଜା ପ୍ରତିଷ୍ଠାନର ସଭାପତି ସୁରେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ରାତି ସାଢ଼େ ୮ଟାରେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୂଜା ଭଣ୍ଡୁର କରିବା ପାଇଁ ଏହା ହୀନ ଚକ୍ରାନ୍ତ। ଏଭଳି ଅମାନବୀୟ କାଣ୍ଡ ଘଟାଇଥିବା ଅଭିଯୁକ୍ତଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସଭାପତି ମିଶ୍ର ଦାବି କରିଛନ୍ତି।

ଅଭିଯୋଗରୁ ଜଣାପଡ଼ିଛି, ସୋମବାର ରାତି ୧୧ଟା ସୁଦ୍ଧା କାରିଗରମାନେ ଗୋଟିଏ ସଖୀ ଏବଂ ୨ଟି ଦ୍ୱାରପାଳ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଶେଷ କରି ଯାଇଥିଲେ। ସକାଳେ ଉକ୍ତ ମୂର୍ତ୍ତିଗୁଡ଼ିକୁ କେହି ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା। କମିଟିର ୬୪ବର୍ଷ ପୂଜା ଇତିହାସରେ ଏଭଳି ଘଟଣା କେବେ ଘଟି ନ ଥିବା କର୍ମକର୍ତ୍ତାମାନେ କହିଛନ୍ତି। ଏକ ଗୋଷ୍ଠୀ ଅନ୍ୟ ଏକ ଅନୁଷ୍ଠାନ କରି ପୂଜା କରିବେ ବୋଲି ଲୋକଙ୍କୁ ଭ୍ରମିତ କରୁଛନ୍ତି। ଏହା ସେମାନଙ୍କ କାର୍ଯ୍ୟ ହୋଇଥିବା କମିଟି ସଦସ୍ୟ ସନ୍ଦେହ କରୁଛନ୍ତି।

ଏ ସମ୍ପର୍କରେ ସଭାପତି ମିଶ୍ର କୁହନ୍ତି, ୧୯୫୮ରୁ କାଠଗଡ଼ା, ଆନନ୍ଦନଗର, ଶ୍ୟାମାଚରଣପୁର ଏବଂ କଲେଜରୋଡ୍ ଅଞ୍ଚଳକୁ ନେଇ ଏହି ପୂଜା ଅନୁଷ୍ଠିତ ହେଉଛି। ୫-୧୦ ବର୍ଷ ହେଲା କେତେଜଣ ଲୋକ ଅଞ୍ଚଳରେ ସରକାରୀ ଜାଗା ଦଖଲ କରି ଆଉ ଏକ ପୂଜା କରିବା ପାଇଁ ଲୋକମାନଙ୍କୁ ବିଭ୍ରାନ୍ତି କରୁଥିଲେ। ସେମାନଙ୍କୁ ପ୍ରଶାସନ, ମିଳିତ ବଜାର ପୂଜା କମିଟି ଏବଂ ପୋଲିସ ବାରଣ କରିଥିଲା। ଏହାକୁ ନ ମାନିବାରୁ ପୋଲିସ ପୂଜା ବନ୍ଦ କରିବା ସହ ପ୍ରଶାସନ ପକ୍ଷରୁ ସେଠାରେ ୧୪୪ ଧାରା ଜାରି ହୋଇଥିଲା। ଚଳିତବର୍ଷ ମିଳିତବଜାର ପୂଜା କମିଟି ବୈଠକରେ ସହରରେ ୩୮ ମଣ୍ଡପରେ ପୂଜା ହେବ ବୋଲି ସ୍ପଷ୍ଟ କରାଯାଇଛି। ତଥାପି ସେମାନେ କାଠ ବାଉଁଶ ପୋତୁଥିବା ଜାଣି ପୋଲିସ ସେମାନଙ୍କୁ ବାରଣ କରିଛି। କିଛି ବିରୋଧୀ ଲୋକଙ୍କୁ ବିଭ୍ରାନ୍ତ କରୁଥିବା ବେଳେ ସେମାନେ ଏଭଳି କାମ କରିଥିବା ସନ୍ଦେହ କରାଯାଉଛି। ଏ ସଂକ୍ରାନ୍ତରେ ପୋଲିସ, ମିଳିତ ବଜାର ପୂଜା କମିଟି, ଶାନ୍ତି କମିଟିକୁ ଅବଗତ କରାଯାଇଛି। ଉଭୟ କମିଟି କର୍ମକର୍ତ୍ତା ଘଟଣାସ୍ଥଳ ପରିଦର୍ଶନ କରିଥିବା ସେ ସୂଚନା ଦେଇଛନ୍ତି।



ମଣ୍ଡପରେ ଭଙ୍ଗାଯାଇଥିବା ମୂର୍ତ୍ତି।



ଟାଉନ ଥାନାରେ ଅଭିଯୋଗ କରିବାକୁ ଆସିଥିବା କମିଟି କର୍ମକର୍ତ୍ତାବୃନ୍ଦ।

